୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

Vol.26 . No.203 Bhubaneswar Thursday September 19 2024 | ୨୬ତମ ବର୍ଷ ସଂଖ୍ୟା–୨୦୩ ଭୁବନେଶ୍ୱର, ଗୁରୁବାର, ସେପ୍ଟେମ୍ବର ୧୯, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) | Member-INS

## ଦେଶରେ 'ଏକକ ନିର୍ବାଚନ' ସପକ୍ଷରେ ବିଜେଡି: ନିର୍ଣ୍ଣାୟକ ସିଦ୍ଧାନ୍ତ ପାଇଁ କମିଟିକୁ ଦେଇଥିଲା ପ୍ରସ୍ତାବ

ଭୁବନେଶ୍ୱର,୧୮।୯(ପି.ଏନ): ଦେଶରେ ଏକକ ନିର୍ବାଚନକୁ ନେଇ ରାମନାଥ କୋବିନ୍ଦଙ୍କ କମିଟି କରିଥିବା ସୁପାରିଶକୁ ଆଜି କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରୀ ଦେବା ପରେ ରାଜ୍ୟ ରାଜନୀତି ଉଷ୍ମ ହୋଇଛି। ଏକକ ନିର୍ବାଚନକୁ କଂଗ୍ରେସ ସିଧାସଳଖ ବିରୋଧ କରୁଥିବାବେଳେ ମାତ୍ର ୮ ମାସ ପୂର୍ବରୁ ସମର୍ଥନ ଦେଇଥିବା ବିଜେଡି ଏବେ ବୁଲେଇବଙ୍କେଇ ବିରୋଧ ଆରମ୍ଭ କରିଛି।ବିଜେଡି ଚଳିତ ବର୍ଷ ଜାନୁୟାରୀ ୨୪ ତାରିଖରେ ରାମନାଥ କୋବିନ୍ଦଙ୍କ ନେତୃତ୍ୱାଧୀନ ଉଚ୍ଚସ୍ତରୀୟ କମିଟିକୁ ଚିଠି ଲେଖି ଦେଶରେ ଏକକ ନିର୍ବାଚନକୁ ସମର୍ଥନ ଜଣାଇଥିଲା । ବିଭିନ୍ନ ଅବଧିରେ ଓ ପର୍ଯ୍ୟାୟରେ ଏକାଧିକ ନିର୍ବାଚନ ହେବା ଯୋଗୁ ଆର୍ଥିକ ଚାପ ଓ ଶାସନ କାର୍ଯ୍ୟରେ ବିଳମ୍ବ ହେଉଛି । ଯେଉଁଥିପାଇଁ ଦଳ ଦୀର୍ଘଦିନ ଧରି ଏକାଠି ନିର୍ବାଚନ କରିବା ଉପରେ ଗୁରୁତ୍ୱ ଦେଇଆସୁଛି । ଏକାଠି ନିର୍ବାଚନ ହେଲେ ଏସବୁ ସମସ୍ୟା ଦୂର ହୋଇଯିବ, ଆଉ ଯାହାର ଫଳସ୍ୱରୂପ ସଂଘୀୟ ସହଭାଗିତା ସୁଦୃଢ଼ ହେବା ସହ ବିକାଶ କାର୍ଯ୍ୟକ୍ରମରେ ସମନ୍ୱୟ ଓ କାର୍ଯ୍ୟାନ୍ୱୟନରେ ସୁଧାର ଆସିପାରିବ ବୋଲି ବିଜେଡି ଯୁକ୍ତି ବାଢ଼ିଛି । ଏହାସହିତ ଏହି ପ୍ରସଙ୍ଗରେ ନିର୍ଣ୍ଣାୟକ ସିଦ୍ଧାନ୍ତରେ ଉପନୀତ ହେବା ପାଇଁ ମଧ୍ୟ ଉଚ୍ଚସ୍ତରୀୟ କମିଟିଙ୍କୁ ଚିଠି ଲେଖି ଆହ୍ୱାନ ଦେଇଥିଲା।




## ଚଳିତବର୍ଷ ୩୧୦୦ ଟଙ୍କା ଏମଏସପିରେ ଏକ କୋଟି ମେଟ୍ରିକ ଟନ୍ ଧାନ ସଂଗ୍ରହ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୯(ପି.ଏନ):ଚଳିତ ଖରିଫ ଋତୁରେ ଚାଷୀଙ୍କଠୁ ଧାନ କ୍ୱିଣ୍ଟାଲ ପିଛା ୩୧୦୦ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)ରେ ସଂଗ୍ରହ କରାଯିବ । ଚଳିତବର୍ଷ ମୋଟ ଏକ କୋଟି ମେଟ୍ରିକ ଟନ୍ ଧାନ ସଂଗ୍ରହ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଏହାକୁ ଦୃଷ୍ଟିରେ ରଖି ଚାଷୀଙ୍କ ସୁବିଧା ନିମନ୍ତେ ମଣ୍ଡିରେ ସମସ୍ତ ପ୍ରକାରର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଖରିଫ ଧାନ ସଂଗ୍ରହ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ । କୃଷକ ସମୃଦ୍ଧି ଯୋଜନାରେ ଯେଭଳି ଚାଷୀ ସର୍ବାଧିକ ଲାଭବାନ ହେବେ ତା'ଉପରେ ଗୁରତ୍ୱ ଦେଇଛନ୍ତି । ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଧାନର ବର୍ଦ୍ଧିତ ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଲାଗୁ ଓ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟାର ସରଳୀକରଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସଂଗୃହୀତ ଧାନକୁ ସୁରକ୍ଷିତ ରଖିବା ନିମନ୍ତେ ପର୍ଯ୍ୟାପ୍ତ ଗୋଦାମ ଗୃହ ନିର୍ମାଣ କରିବା ଏବଂ କୃଷକମାନଙ୍କ ସର୍ବାଧିକ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।



## ଉପ-ରାଜ୍ୟପାଳ ଦେଲେ ପ୍ରସ୍ତାବ, ୨୧ରେ ଶପଥ ନେଇପାରନ୍ତି ଆତିଶୀ

ଭୁବନେଶ୍ୱର,୧୮।୯(ପି.ଏନ): ଦିଲ୍ଲୀର ନୂଆ ମୁଖ୍ୟମନ୍ତ୍ରୀ ଭାବେ ସେପ୍ଟେମ୍ବର ୨୧ ତାରିଖରେ ଶପଥ ନେଇପାରନ୍ତି ଆପ୍ ବିଧାୟକ ଦଳ ନେତା ଆତିଶୀ (ଆତିଶୀ ମାର୍ଲେନ ସିଂହ)। କାରଣ ଦିଲ୍ଲୀ ଉପ-ରାଜ୍ୟପାଳ ଭିକେ ସକ୍ସେନା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ପଠାଇଥିବା ଚିଠିରେ ଆତିଶୀଙ୍କ ଶପଥ ଗ୍ରହଣ ପାଇଁ ଏହି ତାରିଖ ପ୍ରସ୍ତାବ ଦେଇଛନ୍ତି।ଗତକାଲି ଅରବିନ୍ଦ କେଜ୍ରିୱାଲ ଦିଲ୍ଲୀ ଉପ-ରାଜ୍ୟପାଳଙ୍କୁ ଭେଟି ତାଙ୍କ ଇସ୍ତଫାପତ୍ର ଦେଇଥିଲେ। ସେହିଭଳି ତାଙ୍କ ସହିତ ଉପ-ରାଜ୍ୟପାଳଙ୍କୁ ଭେଟିବାକୁ ଯାଇଥିବା ଆତିଶୀ ନୂଆ ସରକାର ଗଠନ କରିବା ପାଇଁ ଦାବି ଜଣାଇଥିଲେ।ଅରବିନ୍ଦ କେଜ୍ରିୱାଲ ତାଙ୍କ ଇସ୍ତଫାପତ୍ର ଦିଲ୍ଲୀ ଉପ-ରାଜ୍ୟପାଳଙ୍କ ପରିବର୍ତ୍ତେ ରାଷ୍ଟ୍ରପତିଙ୍କୁ ସମ୍ବୋଧିତ କରି ପ୍ରଦାନ କରିଥିଲେ। କେଜ୍ରିୱାଲ ସେଥିରେ ଲେଖିଥିଲେ ଯେ ସେ ଓ ତାଙ୍କ ମନ୍ତ୍ରିମଣ୍ଡଳର ସଦସ୍ୟମାନେ ଇସ୍ତଫା ଦେଉଛନ୍ତି।



## ଯନ୍ତ୍ରଣା ଦେଲା ସୁବର୍ଣ୍ଣରେଖା ଓ ଜଳକା; ଭାସୁଛି ଉତ୍ତର ବାଲେଶ୍ୱର

ଭୁବନେଶ୍ୱର,୧୮।୯(ପି.ଏନ): ଉତ୍ତର ବାଲେଶ୍ୱରରେ ଜଳ ପ୍ରଳୟ ଆଣିଛି ସୁବର୍ଣ୍ଣରେଖା, ଜଳକା ଓ ବୁଢାବଳଙ୍ଗ। ମୌସୁମୀ ବର୍ଷା ଓ ଝାଡ଼ଖଣ୍ଡ ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଉତ୍ତର ବାଲେଶ୍ୱରରେ ପ୍ରବାହିତ ହେଉଥିବା ଏହି ୩ ନଦୀରେ ପ୍ରବଳ ବନ୍ୟା ଜଳ ପ୍ରବାହିତ ହେଉଛି। ଯେଉଁଥିପାଇଁ ରାସ୍ତାରେ ପ୍ରବାହିତ ହେଉଛି ୩ରୁ ୪ ଫୁଟ୍ ଉଚ୍ଚର ପାଣି। ଲୋକମାନେ ଜମ ଯନ୍ତ୍ରଣା ଭୋଗୁଛନ୍ତି। ଗତ ୩ ଦିନ ହେଲା ଭୋକିଲା ଜୀବନ ବିତାଉଛନ୍ତି ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା ଓ ସଦର ବ୍ଲକର କିଛି ପଞ୍ଚାୟତର ଲୋକ। କିଏ ଛାତ ଉପରେ ରହିଛି ତ ଆଉ କିଏ ଉଚ୍ଚ ଆଶ୍ରୟ ସ୍ଥଳରେ ଜୀବନ ବିତାଉଛି। କେବେ ଘରକୁ ଫେରିବେ, ତାହାର ହିସାବ କାହା ପାଖରେ ନାହିଁ।ମିଳିଥିବା ସୂଚନା ଅନୁସାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି ସୁବର୍ଣ୍ଣରେଖା ଓ ଜଳକା। ଜଳେଶ୍ୱର ବ୍ଲକ୍ ରାଜଘାଟ ନିକଟରେ ସୁବର୍ଣ୍ଣରେଖା ନଦୀ ବିପଦ ସଙ୍କେତ ୧୦.୩୬ ରହିବା କଥା। ହେଲେ ସେଠାରେ ଆଜି ଅପରାହ୍ନ ୩ଟା ସୁଦ୍ଧା ଜଳସ୍ତର ୧୧.୫୭ ମିଟର ରହିଛି। ଯାହା ଫଳରେ ବାଲିଆପାଳ, ଜଳେଶ୍ୱର ଓ ଭୋଗରାଇ ବ୍ଲକ୍‌ରେ ହଜାର ହଜାର ହେକ୍ଟର ଚାଷ ଜମିରେ ବନ୍ୟା ପାଣି ପ୍ରବେଶ କରିଛି। ସୁବର୍ଣ୍ଣରେଖା ନଦୀର ବନ୍ୟା ପାଣି ଅନେକ ଗାଁ ଭିତରେ ପ୍ରବେଶ କରିଥିବାରୁ ଲୋକମାନେ ନର୍କ ଯନ୍ତ୍ରଣା ଭୋଗୁଛନ୍ତି। ଯାତାୟତ ଏକ ପ୍ରକାର ଠପ୍ ହୋଇଯାଇଛି।










## ଟି ଟାଇମ୍

## ୨୩ ବର୍ଷ ଧରି ବନ୍ଦ ଡାକ ବାକ୍ସ



ବ୍ରିଟେନ୍‌ର ସବୁଠାରୁ ବ୍ୟସ୍ତମୟ ଅଞ୍ଚଳରେ ଥିବା ଲୋକିନ୍ ଡାକ ବାକ୍ସଟି ଗତ ୨୩ ବର୍ଷ ହେଲା ବନ୍ଦ ରହିଛି । ବ୍ରିଟେନ୍‌ର ବର୍ମିଂଘମର ସବୁଠାରୁ ବ୍ୟସ୍ତତମ ରେଳ ଷ୍ଟେସନ୍‌ରେ ନବନିର୍ମାଣ କାମରେ ଲାଗିଥିବା ଶ୍ରମିକ ସେହି ସମୟରେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ, ଯେତେବେଳେ ଏହି ଡାକ ବାକ୍ସଟିକୁ ସେଠାରୁ ହଟା ଯାଇଥିଲା ଏବଂ ସେଥିରୁ ପ୍ରାୟ ଦେଢ଼ ଦଶକର ଚିଠି ମିଳିଥିଲା । ବ୍ରିଟିଶ୍ ଦୈନିକ ଟେଲିଗ୍ରାଫର ରିପୋର୍ଟ ମୁତାବକ ଏହି ଡାକ ବାକ୍ସକୁ ହଟାଇ ଥିବା ଶ୍ରମିକଙ୍କ କହିବା ମୁତାବକ ଏହି ବାକ୍ସଟିକୁ ଗତ ୨୩ ବର୍ଷ ହେଲା ଖାଲି କରାଯାଇନାହିଁ । ଏହି ଡାକ ବାକ୍ସଟି ବର୍ମିଂଘମ୍ ରେଳ ଷ୍ଟେସନର ଏଭଳି ସ୍ଥାନରେ ରହିଛି, ଯେଉଁଠାରୁ ପ୍ରତିଦିନ ହଜାର ହଜାର ଲୋକେ ଯାତାୟାତ କରନ୍ତି । ଏହି ଡାକ ବାକ୍ସଟିକୁ ଚଳିତ ବର୍ଷର ପ୍ରାରମ୍ଭରେ ସିଲ୍ କରିଦିଆଯାଇଥିଲା । ବ୍ରିଟେନ୍‌ର ରୟାଲ୍ ମେଲ ସେବା ଏହି ଡାକ ବାକ୍ସରେ ୧୯୮୯ରେ ପଡିଥିବା ଚିଠିକୁ ତା'ର ଗନ୍ତବ୍ୟ ସ୍ଥାନରେ ପହଞ୍ଚାଇବା ପାଇଁ ଚେଷ୍ଟା କରୁଥିଲା । ଏହି ଡାକ ବାକ୍ସ ଭିତରୁ ଅନେକ ପୋଷ୍ଟକାର୍ଡ ଏବଂ ଆମେରିକା, ଅଷ୍ଟ୍ରେଲିଆ ଭଳି ଦୂର ଦୂରାନ୍ତ ସ୍ଥାନକୁ ପଠାଯାଇଥିବା ଚିଠି ପତ୍ରଗୁଡିକ ମଧ୍ୟ ମିଳିଥିବା ଜଣାପଡିଛି ।

## ପୁରାଣ କାହାଣୀ

# ଅଗିରା ପୂର୍ଣ୍ଣିମା



ଶୀତ ଋତର ଶେଷ ମାଘ ମାସର ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି । ସାଧାରଣତଃ ଅଗ୍ନି ଦେବତାଙ୍କ ପୂଜା ଶ୍ରୀପଞ୍ଚମୀ ଦିନ ଠାରୁ ଆରମ୍ଭ ହୋଇଥାଏ । କାରଣ ସରସ୍ୱତୀଙ୍କୁ ବେଦରେ ଅଗ୍ନି ବୋଲି କୁହାଯାଇଛି ।

ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଅଗିଜଳା ଏକ ପରିଚିତ ଦୃଶ୍ୟ । ପ୍ରକୃତରେ ଅଗ୍ନୀ ଦେବତାଙ୍କ ପୂଜା ବୈଦିକ ଯୁଗରୁ ରହିଆସିଛି । ବୈଦିକ ଭାଷାରେ – 'ଅଗ୍ନୀ ମିଳେ ପୁରୋହିତଂ' ତେଣୁ ବେଦରେ ଅଗ୍ନୀ ହେଉଛନ୍ତି ପ୍ରଥମ ଦେବତା । ଓଡ଼ିଆ ଜନଜୀବନରେ ଚିର ପରିଚିତ ଅଗିରା ପୂନେଇଁ ଏକ ପରିଚିତ ଦିନଟି । କେବଳ ଗାଁରେ ନୁହେଁ ସହରରେ ମଧ୍ୟ ଛକ ସ୍ଥାନ ମାନଙ୍କରେ ଧାନ ନଡ଼ା ଏକତ୍ର କରାଯାଇ ଏହାକୁ ପୂଜାର୍ଚ୍ଚନା କରି ଅଗ୍ନୀ ସଂଯୋଗ କରାଯାଇଥାଏ । ଏଥିରେ ବାଇଗଣ ଓ ଅନ୍ୟାନ୍ୟ ପରିବା ପୋଡ଼ି ଖାଇଲେ କିଛି ଚର୍ମରୋଗ ହୋଇନଥାଏ ବୋଲି ଲୋକବିଶ୍ୱାସ ରହିଛି । ଏହିଦିନରୁ ବାଘପରି ମାଘ ମାସର ଶୀତ ବିଦାୟ ନେଇ ବସନ୍ତ ଋତୁର ମୃଦୁ ସମୀରଣ ଭିତରେ ଗ୍ରୀଷ୍ମଋତୁକୁ ସ୍ୱାଗତ କରାଯାଇଥାଏ ।

## ଇ-ରିଡ଼ିଂ କରିପାରିବେ ଦୃଷ୍ଟିହୀନ


ଦୃଷ୍ଟିହୀନ ଯୁବପିଢ଼ିଙ୍କ ପାଇଁ ଖୁସି ଖବର । ଏବେ ସେମାନେ ବି ଇ-ରିଡ଼ିଂ କରିପାରିବେ । ସାଧାରଣ ଯୁବପିଢ଼ିଙ୍କ ପରି ଇଣ୍ଟରନେଟ୍‌ରେ ନିଜ ପସନ୍ଦର ବହି, ମାଗାଜିନ୍ ପଢ଼ିବା ସହ ମେସେଜ୍ ଦିଆନିଆ କରିପାରବେ । ତାହା ପୁଣି ଖୁବ୍ କମ୍ ଖର୍ଚ୍ଚରେ । ନିକଟରେ ଏଭଳି ଏକ ନୂଆ ଟେକ୍ନୋଲୋଜି ଉଦ୍ଭାବନ କରି ଚର୍ଚ୍ଚାରେ ପରିସରକୁ ଆସିଛି ଦକ୍ଷିଣ କୋରିଆର ଏକ ନୂଆ କମ୍ପାନୀ । ଦୃଷ୍ଟିହୀନମାନଙ୍କୁ ଇ-ରିଡ଼ିଂ ସୁବିଧା ଯୋଗାଇ ଦେବା ଲାଗି ଉକ୍ତ କମ୍ପାନୀ ତିଆରି କରିଛି ଏକ ବ୍ରେଲ୍ ସ୍ମାର୍ଟ ଘଣ୍ଟା । କେବେଳ ଏତିକି ନୁହେଁ, ଡ଼ଟ୍ ନାମକ ଏହି ସ୍ମାର୍ଟ ୱାଚ୍ ସାହାର୍ଯ୍ୟରେ ବ୍ରେଲ୍ ଭାଷା ମଧ୍ୟ ହୋଇପାରିବ ବୋଲି କମ୍ପାନୀ



ଶିଖାଯାଇପାରେ । ଦୃଷ୍ଟହୀନଙ୍କ ପାଇଁ ହେପ୍ଟିକ୍ ଟେକ୍‌ନିକ୍‌ରେ ତିଆରି ଏହି ସ୍ମାର୍ଟ ୱାଚ୍ ସ୍ୱଳ୍ପ ମୂଲ୍ୟରେ ମିଳୁଥିବାରୁ ଏହା ଅଧିକ ଆଦୃତ କର୍ତୃପକ୍ଷ ଆଶା ରଖିଛନ୍ତି । ସେମାନଙ୍କ ମତରେ ଦୃଷ୍ଟହୀନଙ୍କୁ ଏହି ସୁବିଧା ଯୋଗାଇ ଦେବା ଲାଗି ପୂର୍ବରୁ ଏଭୁ ଉପକରଣ ତିଆରି ହୋଇଥିଲେ ମଧ୍ୟ ତାହାର ଆକାଛୁଆଁ ମୂଲ୍ୟ ଯୋଗୁ ବ୍ୟବହାର କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହୋଇପାରୁ ନଥିଲା । କିନ୍ତୁ ଏହି ସ୍ମାର୍ଟ ୱାଚ ସମସ୍ତ ଦୃଷ୍ଟହୀନଙ୍କୁ ସୁହାଇବା ବୋଲି ସେମାନେ ସୂଚିତ କରିଛନ୍ତି । ଏହି ସ୍ମାଟ୍ ୱାଚ୍‌କୁ ଯେ କୌଣସି ବ୍ଲ୍ୟୁ ଟୁଥ୍ ସହିତ ସଂଯୋଗ କରାଯାଇ ଜରୁରୀ ସୂଚନା ପଢ଼ାଯାଇପାରେ । ଏହି ସ୍ମାର୍ଟ ୱାଚ୍‌ରେ ପ୍ରଥମେ ମେସେଜ୍ ମୋବାଇଲ୍ ଫୋନ୍‌କୁ ଆସେ । ପରେ ଏହା ସହିତ ଜଡ଼ିତ ଆପ୍ଲିକେଶନ୍ ଉକ୍ତ ମେସେଜକୁ ବ୍ରେଲ୍ ଭାଷାରେ ଅନୁବାଦ କରିଥାଏ । ମେସେଜ ପ୍ରାପ୍ତ ହେବା ପରେ ଡଟ୍‌ର ଭାଇବ୍ରେଟର ୟୁଜରକୁ ସତର୍କ କରିଦେଇଥାଏ ।

## ୧୩ ବର୍ଷର ବାଳକ ପର୍ଣ୍ଣ ଭିଡିଓ ଦେଖି ୭ଜଣ ପିଲାଙ୍କୁ କଲା ଯୌନ ଶୋଷଣ

ଇଣ୍ଟରନେଟରେ ପର୍ଣ୍ଣ ଭିଡିଓ ଦେଖିବା ଦ୍ୱାରା କେମିତି ପିଲାଙ୍କ ଉପରେ ଖରାପ ପ୍ରଭାବ ପଡେ, ତାର ଏକ ଉଦାହରଣ ଦେଖିବାକୁ ମିଳିଛି ।



ଜଣେ ୧୩ ବର୍ଷୀୟ ନାବାଳକ ପର୍ଣ୍ଣ ସାଇଟ୍ ଦେଖି କରିଛି ଅଦ୍ଭୁତ କାଣ୍ଡ । ଅଶ୍ଳୀଳ ଭିଡିଓ ଦେଖି ୭ଜଣ ପିଲାଙ୍କୁ କରିଛି ଯୌନ ଶୋଷଣ । ଏମିତି ଏକ ଖବର ଏବେ ଖୁବ୍ ଭାଇରାଲ ସାଜିଛି । ଇଣ୍ଟରନେଟ୍‌ରେ ଅଶ୍ଳୀଳ ଭିଡିଓ ଦେଖିବା ସଉକ ହୋଇଯାଇଥିଲା ଏହି ପିଲାଟିର । ପର୍ଣ୍ଣ ଭିଡିଓ ଦେଖିବା ପରେ ମନରେ ତାର ବିକାର ଜାତ ହୋଇଥିଲା ଏବଂ ୭ଜଣ ଛୋଟ ପିଲାଙ୍କ ସହ କରିଥିଲା ଦୁଷ୍କର୍ମ । ଏହି ନାବାଳିକ ପିଲାକୁ ଗିରଫ କରିଛି ପୋଲିସ । ଅଧିକ ଅଶ୍ଳୀଳ ଭିଡିଓ ଦେଖିବା ଯୋଗୁଁ ଏମିତି କାଣ୍ଡ ପିଲାଟି କରିଛି ବୋଲି ପୋଲିସ କହିଛି । ଏଡି ମାମଲାରେ ପିଲାଟିର ମା' କହିଛନ୍ତି ସେ ପିଲାଟିକୁ ଅଧିକ ସମୟ ଦେଇପାରନ୍ତି ନାହିଁ । ଯାହା ଦ୍ୱାରା ସେ ଏମିତି ଖରାପ କାମ କରିଛି ।




ବିଗବସ୍ ସିଜିନ୍ ୬ର ପ୍ରତିଯୋଗୀ ସାନ୍ ଖାନ୍ ତାଙ୍କର ବୟାନବାଜିକୁ ନେଇ ସବୁବେଳେ ଚର୍ଚ୍ଚାରେ ଥାଆନ୍ତି । କିଛି ଦିନ ପୂର୍ବରୁ ତାଙ୍କ ସିନେମା 'ୱାଜା ତୁମ ହୋ' ହୋଇଛି ରିଲିଜ୍ । ଏହି ସିନେମାରେ ସାନା ଟେଲିଭିଜନର ଲୋକପ୍ରିୟ ଅଭିନେତା ଗୁରମିତ ଚୌଧୁରୀଙ୍କ ବିପକ୍ଷରେ ନାୟିକା ଭୂମିକାରେ ଅଭିନୟ କରିଛନ୍ତି । ଏହି ସିନେମା କେବେ ଆସିଲା କେବେ ଗଲା କିଛି ଜଣାପଡିଲାନି । ସିନେମା ଫ୍ଲପ ହୋଇଗଲେ ମଧ୍ୟ ସାନା ତାଙ୍କ ବୋଲ୍ଡ ବୟାନ ପାଇଁ ପୁଣିଥରେ ଚର୍ଚ୍ଚାର ପରିଧୀକୁ ଆସିଛନ୍ତି । ନିଜର ଶରୀରକୁ ନେଇ ସେ କହିଛନ୍ତି ମୋ ପରି ଶରୀର ସମସ୍ତଙ୍କୁ ମିଳେନି । ସେ ତାଙ୍କର ଶରୀରକୁ ନେଇ ବହୁତ ଗର୍ବିତ । ଏହା ସହ ସେ କହିଛନ୍ତି ଅନେକ ନାୟିକା ତାଙ୍କ ପରି ଶରୀର ପାଇବା ପାଇଁ ଅନେକ ପରିଶ୍ରମ କରିଥାଆନ୍ତି । କିନ୍ତୁ ସମସ୍ତଙ୍କ ଭାଗ୍ୟରେ ଏପରି ଶରୀର ନଥାଏ । କେବଳ ଏତିକି ନୁହେଁ ସେ ନିଜେ ତାଙ୍କ ଶରୀରର ଜଣେ ବଡ ଫ୍ୟାନ ବୋଲି ପ୍ରକାଶ କରିଛନ୍ତି ସାନା ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତୃ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି ।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ ।

## ସମୁଦ୍ର ଭିତରେ ୭ ବର୍ଷ

୧୯୯୭ରେ ସ୍ୱାମୀଙ୍କର ମୃତ୍ୟୁ ହୋଇଯିବା ପରେ ଫ୍ଲୋରିଡା ନିବାସୀ ୮୬ ବର୍ଷିୟା ଲି ବାଷ୍ଟେଟର ସମୁଦ୍ରରେ ଜୀବନ ବିତାଉଛନ୍ତି । ସେ ବିଗତ ୭ ବର୍ଷ ଧରି ଲକଜୁରୀ କ୍ରୁଜ ସିପ କ୍ରିଷ୍ଟଲ ସେରେନିଟିରେ ରହୁଛନ୍ତି । ମୃତ୍ୟୁ ପୂର୍ବରୁ ଲିଙ୍କୁ ତାଙ୍କ ସ୍ୱାମୀ କହିଥିଲେ । ତାଙ୍କ ଅନ୍ତେ ସେ ଯେମିତି ଜାହାଜରେ ନରହିବା ଛାଡନ୍ତି । ଲି ତାଙ୍କର ୫୦ ବର୍ଷର ବୈବାହିକ ଜୀବନରେ ଅଧିକାଂଶ ସମୟ ଜାହାଜରେ ରହୁଥିଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ସେ ଘର ବିକି ଦେଇ ଜାହାଜରେ ରହିବାକୁ ଆରମ୍ଭ କଲେ । ଏଥିରେ ତାଙ୍କର ରହିବା, ଖାଇବା, ଡ୍ୟାନ୍ସ ପ୍ରୋଗ୍ରାମ, କକଟେଲ ପାର୍ଟି ଆଦି ସାମିଲ ହୋଇଛି ।

## ଇଲେକ୍ଟ୍ରିକ୍ ଚାମଚ

ଏବେ ଖାଦ୍ୟର ସ୍ୱାଦକୁ ପରିବର୍ତ୍ତନ କରିବ ଚାମଚ । ହଁ ସତରେ, ଜାପାନ, ଯୋକିଓସ୍ଥିତ ମେଇଜି ୟୁନିଭର୍ସିଟିର ବିଶେଷଜ୍ଞମାନେ ଏହି ବିଦ୍ୟୁତ୍ ଚାମଚ ବା କଣ୍ଟା ଚାମଚ ଡିଜାଇନ୍ କରିଛନ୍ତି । ଏହା ଯେ କୌଣସି ଲବଣ ବିହୀନ ତଥା କମ୍ ଲୁଣଯୁକ୍ତ ଖାଦ୍ୟର ସ୍ୱାଦକୁ ଲୁଣଯୁକ୍ତ କରିବାରେ ସାହାର୍ଯ୍ୟ କରିବ । ତେବେ ଏହି ଚାମଚରେ ଲୁଣ ନାହିଁ କିମ୍ବା ସତରେ ଏହା ଖାଦ୍ୟକୁ ଲୁଣିଆ କରି ନଥାଏ । ଏହି ଚାମଚରେ ଖାଦ୍ୟ ଖାଇବା ସମୟରେ ଏଥିରେ ଥିବା ଏକ ବଟନ୍‌କୁ ଅନ୍ କରିବା ଦ୍ୱାରା



କମ୍ ଲୁଣଯୁକ୍ତ ଖାଦ୍ୟ ବି ସ୍ୱାଦିଷ୍ଟ ଲାଗେ । ଉକ୍ତ ଇଲେକ୍ଟ୍ରିକ୍ ଚାମଚରେ କମ୍ ଭୋଲ୍ଟର ବିଦ୍ୟୁତ ପ୍ରବାହିତ ହେଉଥିବା ଯୋଗୁ ଏହା ବିପଦମୁକ୍ତ । ଏହି ନୂଆ କୌଶଳ ବିଶେଷକରି ସ୍ୱୋଶାଲ୍ ଡାଏଟ୍ କରୁଥିବା ଲୋକଙ୍କ ପାଇଁ ଅତ୍ୟନ୍ତ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଗବେଷଣାରତ ବିଶେଷଜ୍ଞ ହିରୋମି ନାକାରୁମି କହିଛନ୍ତି । ଏହାବ୍ୟତୀତ ଡାଇବେଟିସ୍ ଓ ଲୋ ବ୍ଲଡ୍‌ପ୍ରେସର ରୋଗୀ ମଧ୍ୟ ଏହି ଚାମଚ ବ୍ୟବହାର କରି କମ୍ ଲୁଣଯୁକ୍ତ ଖାଦ୍ୟରେ ବି ସ୍ୱାଦିଷ୍ଟ ବ୍ୟଞ୍ଜନର ମଜା ନେଇପାରେ ।




# ଶିଶୁ ଶ୍ରମିକ: ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ !

୧୯୮୬ ନଭେମ୍ବର ୨୦ ତାରିଖରେ ଜାତିସଂଘର ସାଧାରଣ ବୈଠକରେ ଶିଶୁଙ୍କର ୪ଟି ଅଧିକାର ସଂକ୍ରାନ୍ତରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା। ଏହାର ପ୍ରଥମ ଧାରାରେ କୁହଯାଇଛିଯେ ୧୮ବର୍ଷରୁ କମ୍ ବୟସ୍କ ବ୍ୟକ୍ତିହିଁ ଶିଶୁ। ଶିଶୁର ଅଧିକାରରେ ରହିଛି : (୧) ବଂଚିବାର ଅଧିକାର, (୨) ସୁରକ୍ଷା ବା ନିରାପତ୍ତାର ଅଧିକାର (୩) ସୁଶିକ୍ଷା ଅଧିକାର, (୪) ନିଜର ମତବ୍ୟକ୍ତ କରିବାର ଅଧିକାର। ଏହା ଫଳରେ ଶିଶୁଟି ସମସ୍ତ ଶୋଷଣ, ଯନ୍ତ୍ରଣା, ଭର୍ତ୍ସନା, ତା'ପ୍ରତି ଅସଦ୍‌ବ୍ୟବହାର ଇତ୍ୟାଦିରୁ ମୁକ୍ତି ପାଇପାରିବ। ଅନ୍ୟପକ୍ଷରେ ଏକ ନିଶ୍ଚିନ୍ତ ଓ ନିଶ୍ଚିତ ନିରାପତ୍ତା ଜୀବନଯାପନ ସହିତ ସୁସ୍ଥ ଏବଂ ସବଳ ଜୀବନ ସହିତ ସୁଶିକ୍ଷା ପାଇପାରିବ।

ଶିଶୁର ଏହି ଅଧିକାରକୁ ଆହୁରି ସୁଗମ, ସ୍ୱଚ୍ଛଳ ଓ ପିଛିଳ ପାଇଁ ଆମ ସରକାର ୨୦୧୦ ମସିହା ଏପ୍ରିଲ ୧୦ାରୁ ୬ରୁ ୧୪ବର୍ଷ ଯାଏଁ ଶିଶୁମାନଙ୍କୁ ବାଧତାମୂଳକ ଶିକ୍ଷାର ବ୍ୟବସ୍ଥା କରିଛନ୍ତି। ଫଳରେ ସେମାନେ ବିଦ୍ୟାଳୟ ଯିବେ। ଶିଶୁ ଶ୍ରମିକ ପ୍ରଥାରୁ ମୁକ୍ତି ପାଇବେ। ଏଥିପାଇଁ ସର୍ବଶିକ୍ଷା ଅଭିଯାନ ଆମ ଦୁଆର ଉଭା ହୋଇଛି।

'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ' ହେଉଛି ସର୍ବଶିକ୍ଷା ଅଭିଯାନର ମୁଖ୍ୟ ଲକ୍ଷ୍ୟ। ଏହାରମାନେ ଏହି ଯେ ୬-୧୪ବର୍ଷ ଶିଶୁମାନେ ନିଶ୍ଚିତ ଭାବେ ବିଦ୍ୟାଳୟକୁ ଯିବେ; ସେଠି ମାଗଣାରେ ୧୪ବର୍ଷ ଯାଏଁ ପଢ଼ିବେ ଏବଂ ସ୍ୱାସ୍ଥ୍ୟକର ପରିବେଶର ନିରୋଗଭାବେ ବଢ଼ିବେ। ଅର୍ଥାତ୍ ପୂର୍ବପରି ଏମାନେ ଶିଶୁଶ୍ରମିକ ଭାବେ ଖଟିବେ



ନାହିଁ। ମୋଟ ଉପରେ ଶିଶୁ ଶ୍ରମିକ ପ୍ରଥା ସଂପୂର୍ଣ୍ଣ ଉଚ୍ଛେଦହେବ। ଉତ୍ତମ ନାଗରିକ ଭାବେ ନିଜକୁ ଗଢ଼ିବାକୁ ହେଲେ ପ୍ରଥମେ ନିଜକୁ ଶିକ୍ଷିତ କରାଇବାକୁ ହେବ। ଏମାନଙ୍କୁ ୬-୧୪ର୍ଷ ମଧ୍ୟରେ ଶ୍ରମ ବା ଅର୍ଥନୈତିକ ସମସ୍ୟା ସହିତ ଜଡ଼ିତ ରଖାଯିବ ନାହିଁ।

ଶିଶୁମାନଙ୍କୁ ଶ୍ରମ ମୁକ୍ତ ରଖିବାପାଇଁ ଶିଶୁ ଶ୍ରମିକ ଆଇନ ରହିଛି। ୧୯୮୬ ଶିଶୁ ଶ୍ରମିକ ଆଇନ ଅନୁସାରେ ୧୩ଟି ବିପଜ୍ଜନକ ସଂସ୍ଥା ଓ ୫୭ଟି ବିପଦପୂର୍ଣ୍ଣ ସଂସ୍ଥାରେ ୧୪ବର୍ଷରୁ କମ୍ ବୟସର ପିଲାଙ୍କୁ ନିଯୁକ୍ତି ନିଷେଧ କରାଯାଇଛି। ଏମାନଙ୍କ ଭିତରେ ଅଛି ଅଟୋ ମୋବାଇଲ ୱାର୍କସପ୍, ଗ୍ୟାରେଜ, ଫାଉଣ୍ଡ୍ରି, ବିସ୍ଫୋରକ ସାମଗ୍ରୀ ପ୍ରସ୍ତୁତି, ତନ୍ତଶିଳ୍ପ, ଖଣି ଖାଦାନ, ପ୍ଲାଷ୍ଟିକ ବା ଫାଇବର କାରଖାନା ଇତ୍ୟାଦି। ଅନ୍ୟାନ୍ୟ ପ୍ରକ୍ରିୟା ଭିତରେ ଅଛି ବିଡ଼ି ବା ଅଗରବତୀ ତିଆରି, ଗାଲିଚା ବୁଣିବା, ମଣି କାଟିବା,



ପଲିସି , ତାଲା ତିଆରି, ଚୁଡ଼ି ପ୍ରସ୍ତୁତି ଓ ଜରି ତିଆରି ଇତ୍ୟାଦି ଅନ୍ତର୍ଭୁକ୍ତ। ଏବେ ସମସ୍ତଙ୍କ ପାଇଁ ଶିକ୍ଷାଯୋଜନାରେ ପ୍ରବର୍ତ୍ତିତ ସର୍ବଶିକ୍ଷା ଅଭିଯାନ ଶିଶୁମାନଙ୍କର ସାକ୍ଷରତା ହାର ବୃଦ୍ଧି କରିବାରେ ସହାୟକ ହେଉଛି। ଶିଶୁ ଶ୍ରମିକଙ୍କ ହାର ହ୍ରାସ କରିବାରେ ବିଦ୍ୟାଳୟ ମାନଙ୍କରେ ମାଗଣା ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ମାଗଣା ଶିକ୍ଷା ଓ ପୋଷାକ ତଥା ସାଇକେଲ ଇତ୍ୟାଦି ସହାୟତା ବେଶ ଉତ୍କଣ୍ଠା ସୃଷ୍ଟି କରିଛି। ଯେଉଁ କ୍ଷେତ୍ରରେ ଶିଶୁଟିଏ ଶିକ୍ଷା ବିନିମୟରେ ଶ୍ରମ କରି ଅର୍ଥ ଉପାର୍ଜନ କରୁଛି, ସେତ ଅଣ କୁଶଳୀ ହୋଇ ରହୁଛି, ଅପରନ୍ତୁ ବିପଜ୍ଜନକ ଓ ବିପଦପୂର୍ଣ୍ଣ କାର୍ଯ୍ୟରେ ନିୟୋଜନ ହେତୁ ବେଳେବେଳେ ମୃତ୍ୟୁ ମୁଖରେ ପଡୁଛି ଅଥବା ଦୁର୍ଘଟଣା କାରଣରୁ ସବୁଦିନ ପାଇଁ ପଙ୍ଗୁ ଅଥବା ବିକଳାଙ୍ଗ ସାଜି ବେକାର ହୋଇ ଭିକାରୀ ଜୀବନ ଯାପନ କରୁଛି। ଏଥିରୁ ନିବୃତ୍ତି ରଖି ଶିଶୁମାନଙ୍କୁ ଉନ୍ନତ ଭାବରେ ଗଢ଼ିବାରେ ଏବେକାର ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ନିରାପତ୍ତା ଏବଂ ପୁଷ୍ଟିସାଧନ ଆଜି ସୁବିଧା ଓ ସୁଯୋଗମାନ ଯୋଗାଇ ଚାଲିଛନ୍ତି।

ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦପାଇଁ ବ୍ୟବସ୍ଥାମାନ ଏବେ ଗ୍ରହଣ କରାଯାଉଛି। ସେଥିପାଇଁ ଶିକ୍ଷା, ଷ୍ଟାଇପେଣ୍ଡ, ପ୍ରୋତ୍ସାହନ, ପ୍ରେରଣା, ସ୍ୱାସ୍ଥ୍ୟ ଓ ଧନ୍ଦାମୂଳକ କାର୍ଯ୍ୟକ୍ରମକୁ ହାତକୁ



ନିଆଯାଇଛି। ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଅନୁଯାୟୀ ନିୟୋଜିତ ଶିଶୁମାନଙ୍କୁ ତାଙ୍କ କର୍ମସଂସ୍ଥାନରୁ ଫେରାଇଆଣି ସର୍ବଶିକ୍ଷା ଅଭିଯାନ ଅନ୍ତର୍ଭୁକ୍ତ କରାଯାଉଛି। ସେମାନଙ୍କ ଶାରୀରିକ ଯଥାର୍ଥ ବୃଦ୍ଧି ସାଧନ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଇ ଦିଆଯାଉଛି। ବିଭିନ୍ନ ସ୍ଥାନରେ ଆବଶ୍ୟକତାକୁ ନେଇ ସ୍ୱତନ୍ତ୍ର ବିଦ୍ୟାଳୟ ମଧ୍ୟ ସ୍ଥାପନ ହେଉଛି। ଏହାସତ୍ତ୍ୱେ ଯଦି କୌଣସି ଶିଶୁ ନିୟୋଜନ ଥାଆନ୍ତି ସେଠି ପିତାମାତାଙ୍କୁ ପ୍ରବର୍ତ୍ତାଇବାକୁ ପଦକ୍ଷେପ ନିଆଯାଉଛି ଏବଂ ଶିଶୁଶ୍ରମିକ ନିୟୋଜନ କାରୀଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯାଉଛି। ସର୍ବଶିକ୍ଷା କାର୍ଯ୍ୟକ୍ରମ ଅନୁଯାୟୀ ଅଧୁନା ୬-୧୪ବର୍ଷ ଶିଶୁମାନଙ୍କୁ ବିଦ୍ୟାଳୟକୁ ଆଣି



ଶିକ୍ଷାଦେବାର ବ୍ୟବସ୍ଥା ତ୍ୱରାନ୍ୱିତ କରାଯାଉଛି।

ଏସବୁ ସତ୍ତ୍ୱେ ଭାରତରେ ଓଡ଼ିଶାରେ ଶିଶୁ ଶ୍ରମିକ ସଂଖ୍ୟା ସର୍ବାଧିକ। ୨୦୦୩ର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ସେତେବେଳେ ଗଞ୍ଜାମରେ ଏହାଥିଲା ୬୫,୮୭୮ କେବଳ। ତା'ତଳକୁ ଥିଲା ମୟୁରଭଞ୍ଜ ୬୦,୪୨୪ ଶିଶୁଶ୍ରମିକ। ଏହି କ୍ରମରେ ଏବେବି ସୁନ୍ଦରଗଡ଼, କଟକ, ସମ୍ବଲପୁର, କେନ୍ଦ୍ରାପଡ଼ା, ଭଦ୍ରକ, ଅନୁଗୁଳ... ଇତ୍ୟାଦି ଅଛନ୍ତି।

ଓଡ଼ିଶାରେ ଗ୍ରାମାଞ୍ଚଳରେ ଅଧିକାଂଶ ଶିଶୁ ଶ୍ରମିକ ଚାଷ କାର୍ଯ୍ୟ, ଘରୋଇ ସେବା, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରୁଥିବା ବେଳେ ସହରମାନଙ୍କରେ ହୋଟେଲ, ଗ୍ୟାରେଜ, ଜୋତା ପଲିସ୍, ଦରଜୀ ଦୋକାନ, କାଚ ଗୋଦାମ, ମାଛ ଗୋଦାମ, ଡେଜରାତି



ଦୋକାନ ଏବଂ ଘରୋଇ ସେବାରେ ନିୟୋଜିତ ଅଛନ୍ତି। ଏତଦ୍‌ଭିନ୍ନ ବିଡ଼ି ତିଆରି, ଅଗରବତୀ ପ୍ରସ୍ତୁତି, କୋଇଲା ଓ ଲୁହାପଥର ସଂଗ୍ରହ, କବାଡ଼ି ଜିନିଷ ସଂଗ୍ରହ ଇତ୍ୟାଦିରେ ଶିଶୁମାନଙ୍କୁ ନିୟୋଜନ କରାଯାଉଛି। ଏହା ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ଶିଶୁଶ୍ରମିକ ଓ ଶୋଷଣ ଅନ୍ତର୍ଭୁକ୍ତ ଅଟେ। ଏପ୍ରକାର ଶୋଷଣ ପାଇଁ ଆମ ଭିତରେ ଥିବା ପୁଞ୍ଜିପତି ଏବଂ ମୁନାଫାଖୋର ଗୋଷ୍ଠୀଦାୟୀ। ଏଥିପାଇଁ ବର୍ତ୍ତମାନ 'କ୍ୟାମ୍ପେନ୍ ଏଗ୍‌ନେଷ୍ଟ ଚାଇଲଡ୍ ଲେବର' ତରଫରୁ ସଂଗ୍ରାମ ଜାରିରହିଛି। ସେହିପରି ବାଳିକା ଶ୍ରମ ନିଷେଦ୍ଧକୁ ସ୍ୱତନ୍ତ୍ର ଆଇନ ଅଛି।

ଶିଶୁଶ୍ରମିକ ପ୍ରଥା ଲୋପପାଇଁ ଖାଲି ଆଇନ ଯଥେଷ୍ଟ ନୁହେଁ। ଏଥିପାଇଁ ସଚେତନତା ସୃଷ୍ଟିଦରକାର ଏବଂ ସର୍ବଶିକ୍ଷା ଅଭିଯାନର ବାସ୍ତବ ରୂପରେଖ ପାଇଁ ଆନ୍ତରିକ ପ୍ରଚେଷ୍ଟା ଦରକାର। ଏ ଦାୟିତ୍ୱ ମୋର, ଆପଣଙ୍କର ଏବଂ ସଭିଙ୍କର।

ଏହା ସତ୍ୟ ଯେ ଶିଶୁହିଁ ଏ ଜାତିର ଭବିଷ୍ୟତ ଏବଂ କର୍ଣ୍ଣଧାର। ତାକୁ ଠିକ୍ ଭାବରେ ଗଢ଼ି ତୋଳିବା ଦାୟିତ୍ୱ ଆମର।

# ଅଳିଆଗଦାରେ ତରକାରୀ ଆଇନ

କୌଣସି ଭୋଜିରେ ଅଥବା ହୋଟେଲ, ରେଷ୍ଟୁରାଣ୍ଟ, କ୍ୟାଣ୍ଟିନ୍, କ୍ଲବ ଆଦିରେ ଜଣେ ବ୍ୟକ୍ତିଙ୍କୁ ଦୁଇ ପ୍ରକାରରୁ ଅଧିକ ତରକାରୀ ପରସା ଯାଇପାରିବ ନାହିଁ । ଏ ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଏହାକୁ ସରକାରୀକଳ ବି ମାନୁନାହିଁ। ସରକାର ଚଳାଉଥିବା ବ୍ୟକ୍ତିବିଶେଷ ଓ ଉଚ୍ଚ ପଦାଧିକାରୀମାନେ ନିଜ ନିଜର ପତିଆରା ପାଇଁ ସ୍ଥଳବିଶେଷରେ ୨୦ ପ୍ରକାରରୁ ଅଧିକ ବ୍ୟଞ୍ଜନ ପରିବେଷଣ କରାଉଥିଲେ ମଧ୍ୟ ତାହାକୁ ରୋକାଯାଇ ନଥିବାରୁ ସାଧାରଣ ଲୋକଙ୍କ ଉପରେ ଏହି ଆଇନଗତ ବ୍ୟବସ୍ଥାର ସାମାନ୍ୟ ପ୍ରଭାବ ପଡୁନାହିଁ। ଅତ୍ୟାବଶୀକୟ ସାମଗ୍ରୀ ଆଇନ ଆଧାରରେ ଭାରତ ସରକାରଙ୍କ କୃଷି ମନ୍ତ୍ରାଳୟ ୧୯୭୨ ମସିହାରେ ଏପରି ଏକ ବ୍ୟବସ୍ଥା ପ୍ରଣୟନ କରିଥିଲେ। ଓଡ଼ିଶା ସରକାର ୧୯୭୩ ମସିହାରେ 'ଓଡ଼ିଶା ଫୁଡ୍ ରେଷ୍ଟ୍ରିକ୍‌ସନ ଅନ୍ ସର୍ଭିସ ଅଫ୍ ମିଲ୍ସ ବାଇ କ୍ୟାଟରିଙ୍ଗ୍ ଏଷ୍ଟାବ୍ଲିଶମେଣ୍ଟ ଅର୍ଡ଼ର' ଗେଜେଟ ବିଜ୍ଞପ୍ତିରେ ପ୍ରକାଶ କରିଥିଲେ। ଏହି ଆଇନଗତ ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରଙ୍କ ଦ୍ୱାରା କ୍ଷମତାପ୍ରାପ୍ତ କୌଣସି ଅଧିକାରୀ କିମ୍ବା ଇନ୍ସପେକ୍ଟର ଓ ତଦୁର୍ଦ୍ଧ୍ୱ ପାହ୍ୟାର କୌଣସି ପୋଲିସ୍ ଅଧିକାରୀ ଦୁଇରୁ ଅଧିକ ବ୍ୟଞ୍ଜନ ପରସା ଯାଉଥିବା ଭୋଜି କ୍ଲବ, ହୋଟେଲ, କ୍ୟାଟରିଙ୍ଗ ସଂସ୍ଥା ଆଦି ଉପରେ ଚଢ଼ାଉ କରି ରନ୍ଧା ହୋଇଥିବା ସାମଗ୍ରୀ ଓ ରନ୍ଧନପାତ୍ର ଆଦିକୁ ଜବତ କରିବା ସହିତ ବ୍ୟବସ୍ଥାର ଉଲ୍ଲଙ୍ଘନ କରିଥିବା ବ୍ୟକ୍ତିଙ୍କୁ ଜେରା କରିପାରିବେ। କ୍ରିମିନାଲ ପ୍ରୋସିଡିଓର କୋଡ଼ରେ ଥିବା ବିଭିନ୍ନ ଧାରା ଅନୁଯାୟୀ ଖିଲାଫକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଆଇନଗତ ବ୍ୟବସ୍ଥା ଅଛି। କେବଳ ଖାଦ୍ୟ ଯୋଗାଣକାରୀ ସଂସ୍ଥା ନୁହନ୍ତି, କୌଣସି ବ୍ୟକ୍ତି ଦୁଇରୁ ଅଧିକ ତରକାରୀ ଖାଇବାକୁ ନେଇପାରିବେ ନାହିଁ। ପ୍ରମୁଖ ଖାଦ୍ୟ ହିସାବରେ ଭାତ, ଡାଲି, ଚପାଟି, ପରଟା, ପୁରି, ଲୁଚି ଆଦି ସହିତ ମାଛ, ମାଂସ କିମ୍ବା ପରିବାରେ ପ୍ରସ୍ତୁତ ଗୋଟିଏ ତରକାରୀ ଏବଂ ତାହାର ସହଯୋଗୀ ଭାବେ ପରିବା, ଅଣ୍ଡା, ମିଠା ଆଦିରେ ତିଆରି ଆଉ ଗୋଟିକୁ ବ୍ୟବହାର କରିପାରିବେ । ତେବେ ଏହି ତରକାରୀ ବ୍ୟତିତ ସୁପ୍, ବିସ୍କୁଟ, ଜାମ୍, ଜୁସ୍, ଭଜା, ପାମ୍ପଡ଼, ଚଟଣୀ, ଖଟା, ରାଇତା, ପିଆଜ, ଘିଅ, ଲହୁଣି, ଦହି, ଛେନା, ଦୁଗ୍ଧ, କଷ୍ଟାଡ଼ ଆଦି ସେବନ କରାଯାଇପାରିବ। ଖାଦ୍ୟ କଟକଣା ପାଇଁ ଆଇନରେ ଏହି ବ୍ୟବସ୍ଥା ଥିବାବେଳେ ଏବେ ସମ୍ଭ୍ରାନ୍ତ ଲୋକମାନଙ୍କର ବାହାଘର ଭୋଜିରେ ଆଠ ଦଶପ୍ରକାରର ଆମିଷ ଓ ଅନେକ କିସମର ନିରାମିଷ ବ୍ୟଞ୍ଜନ ପରସା ଯାଉଛି। ଯେଉଁମାନେ ଏହାକୁ ଜଗିବା କଥା ସେମାନେ ଭୋଜିଭାତ ଖାଇବା ସଙ୍ଗେ ସଙ୍ଗେ ସେଠାରେ ଆପ୍ୟାୟିତ ହେଉଥିବା ବିଶିଷ୍ଟ ଅତିଥିମାନଙ୍କ ନିରାପତ୍ତା କଥା ଦେଖୁଛନ୍ତି। ବିଦେଶରୁ ଆସୁଥିବା କୂଟନୈତିକ ଅତିଥିମାନଙ୍କୁ ଆପ୍ୟାୟିତ କରିବା ଲାଗି ଆୟୋଜିତ ନୈଶ୍ୟଭୋଜି ପାଇଁ ଏହି ଆଇନଗତ କଟକଣା ଲାଗୁନାହିଁ। ଓଡ଼ିଶା ସରକାର ସହରକୁ ଆସୁଥିବା ଦୂରଦୂରାନ୍ତର ସାଧାରଣ ଲୋକଙ୍କ ପାଇଁ ପାଞ୍ଚ ଟଙ୍କିଆ ଆହାର ଯୋଜନା ପ୍ରଣୟନ କରିଥିଲେ ବି ଏଥିରେ କିନ୍ତୁ ଅବ୍ୟବସ୍ଥା ଦେଖାଯାଉଛି। ଓଡ଼ିଶା ପରି ଅଭାବୀ ଓ ଗରିବ ରାଜ୍ୟରେ ଦିନରେ ଥରେ ମାତ୍ର ଖାଇବାକୁ ସକ୍ଷମ ନଥିବା ଅନେକ ଲୋକ ରହିଥିବାବେଳେ ସରକାରଙ୍କ ପ୍ରଣୀତ ବ୍ୟବସ୍ଥିତ ତରକାରୀ ଆଇନ ଅଳିଆଗଦାରେ ପଡ଼ିଛି। ଇଆଡ଼େ ଭୋଜି ପରଦିନ କୁଢ଼ କୁଢ଼ ବଳିଯାଇଥିବା ବା ଅତିଥିମାନେ ଛାଡ଼ିଥିବା ଅଇଁଠା ଖାଦ୍ୟ ଆବର୍ଜନା ପରିବେଶ ସୃଷ୍ଟି ମଧ୍ୟ କରୁଛି। ପରିବେଶ ପ୍ରଦୂଷଣ ହେଉଥିଲେ ବି ସମସ୍ତେ କିନ୍ତୁ ବେଫିକର। କଥା ହେଉଛି ତଥାକଥିତ ବଡ଼ବଡ଼ିଆମାନେ ନିଜର ଆତ୍ମସମୀକ୍ଷା ନକଲେ ଇଏ ଏକ ପ୍ରହସନ ହୋଇ ଯାହା ରହିବ।

# 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି...'

ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧ୍ୟାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ରୁକ୍ମଣୀ ଦେବୀ। ତାଙ୍କ ଜୀବନଟା ଥିଲା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ଏକ ବଡ଼ ଯୌଥ ପରିବାରରେ ଜନ୍ମ ହୋଇ ଦାୟିତ୍ୱ ନିର୍ବାହ କରି ଗରିବ, ଅନାଥ, ଅସହାୟ ଝିଅ ଓ ମହିଳା ମାନଙ୍କ ପାଇଁ ତାଙ୍କ ଜୀବନର ଶେଷ ନିଶ୍ୱତି ହିଁ କାନ୍ଦୁଥିଲା। ସେ ଥିଲେ ମୋ ଆଧ୍ୟାତ୍ମିକ ସମାଜ ସେବାର ଉତ୍ସ ରୁକ୍ମଣୀ ମାଆ। ପିଲାବେଳର ସ୍ମୃତି ମନେପଡ଼ିଗଲା ବେଳେ ଭାବେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱଜ୍ଞାନ ଯାହା ଥିଲା ସବୁବେଳେ ପ୍ରେରଣା, ସମାଜ ସେବା ହିଁ ବଡ଼ ଉତ୍ସ। ନିଜ ଜୀବନରେ ସେ କେବେ ନିଜର ସମାଜ ସେବାକୁ ପ୍ରଚାର ପ୍ରସାର ଚାହୁଁ ନଥିଲେ ଏବଂ ସଂଯୋଗ ବଶତଃ ମହାପ୍ରଭୁ ଶ୍ରୀଜଗନ୍ନାଥ ହାତଛନ୍ଦି ଥିଲେ ମୋ ଜୀବନ ସାଥି ଉଦୟ କୁମାର ଦାସଙ୍କ ସହିତ। ଯିଏ କି ଆଧ୍ୟାତ୍ମିକ ସମାଜ ସେବା ପାଇଁ ବଡ଼ ପ୍ରେରଣାର ଉତ୍ସ। ଶାସ୍ତ୍ରରେ ନାରୀମାନଙ୍କୁ ସପ୍ତ ସଦ୍‌ଗୁଣର ଅଧିକାରିଣୀ ବୋଲି କୁହାଯାଇଛି। ସତ୍ୟ, ପ୍ରେମ, ଧର୍ମ, ଶାନ୍ତି, ସହନ, ଆନନ୍ଦ ଓ ସ୍ୱାନୁଭୂତି। ସେ ଘରର ସ୍ତ୍ରୀ, ଯେ କି ଘରର ସୁନାମର ଆଧାର। ସେହିପରି ରାଜ୍ୟ ଦେଶ, ଏପରିକି ବିଶ୍ୱର ମର୍ଯ୍ୟାଦା ରକ୍ଷାରେ ନାରୀମାନଙ୍କର ମୁଖ୍ୟ ଭୂମିକା ରହିଛି। ଘର ଭିତରେ ନାରୀକୁ ଗୃହଲକ୍ଷ୍ମୀର ଉଚ୍ଚ ମର୍ଯ୍ୟାଦା ଦିଆଯାଇଛି। ପତି ଅସୁବିଧାର ସମ୍ମୁଖୀନ ହେବା ବେଳେ ପତ୍ନୀ ସଙ୍ଗେ ସଙ୍ଗେ ତାଙ୍କ ଦୁଃଖରେ ଭାଗୀ ହୁଏ ଏବଂ ପତି ତଥା ପରିବାରର କଲ୍ୟାଣ ପାଇଁ ଯେ କୌଣସି କାର୍ଯ୍ୟ କରିବାକୁ ଯେ କୌଣସି ଦୁର୍ଦ୍ଦଶା ଭୋଗିବାକୁ ଏପରିକି ନିଜର ଜୀବନ ତ୍ୟାଗ କରିବାକୁ ପ୍ରସ୍ତୁତ ଥାଏ। ଘରଣୀ ହିଁ ଘରର ସୁନାମ ପଛରେ ଥାଏ। ନାରୀ ତ୍ୟାଗସ୍ୱରୂପିଣୀ ଅଟେ। ପୁରୁଷ ତ୍ୟାଗ କରୁଥିଲେ ବି ସେଥିରେ ସ୍ୱାର୍ଥଭାବନା ଥାଏ, କିନ୍ତୁ ନାରୀର ତ୍ୟାଗ ପୁରାପୁରି ନିଃସ୍ୱାର୍ଥପର। ସେଥିପାଇଁ ଆମେ ଆମର ନାରୀମାନଙ୍କ ପାଇଁ ଗର୍ବ କରିବା ଉଚିତ।

ବ୍ରହ୍ମବୈବର୍ତ୍ତ ପୁରାଣରେ ବର୍ଣ୍ଣିତ ଅଛି- 'ଜଗତ ମାତା ଚ ପ୍ରକୃତିଃ ପୁରୁଷଶ୍ଚ ଜଗତ ପିତା। ଗରିୟସୀ ଜଗତାଂ ମାତା, ମାତା ଶତଗୁଣଂ ପିତା।।' ଅର୍ଥାତ୍ ଜଗତର ଜନ୍ମଦାତ୍ରୀ ହେଉଛନ୍ତି ମାତା। ଜଗତର ପାଳନ ବା ରକ୍ଷାକର୍ତ୍ତା ହେଉଛନ୍ତି ପୁରୁଷ। ସୁତରାଂ ଜନ୍ମଦାତ୍ରୀ ବା ଜଗତର ମାତା, ପିତାଙ୍କ ଠାରୁ ଶହେଗୁଣ ଅଧିକ ଶ୍ରେଷ୍ଠ। ନାରୀଙ୍କ ସ୍ଥାନ ସର୍ବଦା ଆଗରେ। ନାରୀକୁ ପ୍ରଥମ ସ୍ଥାନ ଦିଆଯାଇଛି। ଆଦି ମହୀୟସୀ ମହିଳାମାନେ ନିଜ ନିଜ କ୍ଷେତ୍ରରେ ସେମାନଙ୍କର କାର୍ଯ୍ୟଦକ୍ଷତା ଓ ଅଦମ୍ୟ ଶକ୍ତିର ପରାକାଷ୍ଠା ପ୍ରତିପାଦନ କରି କାଳଜୟୀ ହୋଇପାରିଛନ୍ତି। ନାରୀ ପୁରୁଷଙ୍କଠାରୁ କୌଣସି ଗୁଣରେ କମ ନୁହଁନ୍ତି। ନାରୀ ବିନା ଏ ସୃଷ୍ଟି ସମ୍ଭବ ନୁହେଁ। ନାରୀ ବିନା ସଂସାର କଳ୍ପନା ବୃଥା। ନାରୀ ବିନା ପୁରୁଷ ସମ୍ପୂର୍ଣ୍ଣ ହୋଇପାରେନା। ନର, ନାରୀ ଏକ ରଥର ଦୁଇ ଚକ। ଏକ ଶରୀରର ଦୁଇପାଦ। ଏକ ମୁଖର ଦୁଇ ନେତ୍ର। ଜଣକ ବିନା ଅନ୍ୟଟି ଅସମ୍ପୂର୍ଣ୍ଣ। ତେଣୁ ନାରୀକୁ ପୁରୁଷର ଅର୍ଦ୍ଧାଙ୍ଗିନୀ କୁହାଯାଏ। ଭାରତୀୟ ସଂସ୍କୃତି ଓ ଧର୍ମରେ ନାରୀକୁ ଆବହମନ କାଳରୁ ପୁରୁଷର ଏକ ଓ ଅବିଚ୍ଛିନ୍ନ ଅଙ୍ଗରୂପେ ସ୍ୱୀକାର କରାଯାଇଛି। ପତ୍ନୀ ବିନା ପତିର କୌଣସି ଧର୍ମକାର୍ଯ୍ୟ, ଯଜ୍ଞାଦି କର୍ମ ସଫଳ ହୁଏନା। ତେଣୁ ତ୍ରୈତ୍ତରୀୟ ପୁରାଣରେ ବର୍ଣ୍ଣିତ ଅଛି - 'ଅଯଜ୍ଞୋ ବା ଏଷ ଯୋ ପତ୍ନୀକଃ।।' ଅର୍ଥାତ୍ ଯିଏ ଅପତ୍ନୀକ, ତାର ଯଜ୍ଞପୂର୍ଣ୍ଣ ହୁଏନା। ପତ୍ନୀ ବିନା ଯଜ୍ଞ ଅସମ୍ଭବ ବା ଅପୂର୍ଣ୍ଣ ରହେ। ନାରୀ ସର୍ବଦା କଲ୍ୟାଣକାରୀ। ସେ ପୂଜ୍ୟା। ଗୃହର ଦୀପ୍ତି। ନାରୀ ଧର୍ମକାର୍ଯ୍ୟର ସହାୟିକା ଅଟନ୍ତି। କୁହାଯାଏ - ଦାରାଧିନ ସ୍ତଥା ସ୍ୱର୍ଗଃ... ଅର୍ଥାତ୍ ସ୍ୱର୍ଗ ସ୍ତ୍ରୀର ଅଧିନ ଅଟେ। ମନୁ ସଂହିତାରେ ବର୍ଣ୍ଣିତ ଅଛି - 'ଯତ୍ର ନାର୍ଯ୍ୟବସ୍ତୁ ପୂଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ, ଯତ୍ରୈତାସ୍ତୁ ନ ପୂଜ୍ୟନ୍ତେ ସର୍ବାସ୍ତତ୍ରା ଫଳାଃ କ୍ରିୟାଃ।।' ଯେଉଁ ଗୃହରେ ନାରୀକୁ ସମ୍ମାନ ଦିଆଯାଏ, ସେଠାରେ ଦେବ ବାସ କରନ୍ତି। ଯେଉଁଠାରେ ତା'ର ତିରସ୍କାର ହୁଏ, ସେଠାରେ ସମସ୍ତ କାର୍ଯ୍ୟ ନିଷ୍ଫଳ ହୁଏ। ଜୀବନକାଳ ଭିତରେ ସବୁବେଳେ ସମାଜ ସେବା ଓ ଆଧ୍ୟାତ୍ମିକତା ଭିତରେ ଜୀବନ ନିର୍ବାହ କରିଥିବା ଏପରି କ୍ୱଚିତ ମହିଳାଙ୍କ ଜୀବନ ଆମ ପାଇଁ ପ୍ରେରଣାର ଉତ୍ସ।

ନାରୀମାନଙ୍କୁ ଅଷ୍ଟୈଶ୍ୱର୍ଯ୍ୟ ସ୍ୱରୂପିଣୀ ବୋଲି କୁହାଯାଇଛି। ସେଥିପାଇଁ ଆମ ସଂସ୍କୃତିରେ ପିତା, ଗୁରୁ ଓ ଭଗବାନଙ୍କ ଅପେକ୍ଷା ମାତାଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଉଛି। ଯଥାର୍ଥରେ କୁହାଯାଇଛି 'ଯତ୍ର ନାର୍ଯ୍ୟାସ୍ତୁ ପୂଜ୍ୟନ୍ତେ ତତ୍ର ରମନ୍ତେ ସର୍ବ ଦେବତା'। ତେଣୁ ଉପନିଷଦରେ ବର୍ଣ୍ଣନା ଅଛି - ନାରୀମାନେ ଲକ୍ଷ୍ମୀ ସ୍ୱରୂପିଣୀ ହୋଇଥିବା ଯୋଗୁଁ ସେମାନଙ୍କୁ ସମ୍ମାନିତା କରାଯିବା ବେଳେ ହିଁ ପୃଥିବୀ ସମୃଦ୍ଧିଲାଭ କରିପାରିବ। ତୁମେ ଏହା ନିଜେ ଦେଖିପାରିବ ଯେଉଁଠାରେ ସଚ୍ଚରିତ୍ରା ନାରୀମାନେ ଥାଆନ୍ତି ସେଠାରେ ତୁମେ ସମସ୍ତ ସମୃଦ୍ଧି ପାଇପାରିବ। ତୁମେ ସମସ୍ତେ ଜାଣିଛ ଯେ ବିଶ୍ୱଯୁଦ୍ଧ ସମୟରେ ଅନେକ ଦେଶ କ୍ଷତିଗ୍ରସ୍ତ ହେଲେ। ଭାରତ ଯଦି ଅକ୍ଷୁର୍ଣ୍ଣ ରହିପାରିଲା, ତାହାର କାରଣ ହେଉଛି କେବଳ ସଚ୍ଚରିତ୍ରା ନାରୀମାନଙ୍କ ଉପସ୍ଥିତି। ଭାରତ ନିଜର ମହାନତା ଓ ଗାରିମା ପାଇଁ ନାରୀମାନଙ୍କ ନିକଟରେ ସମ୍ପୂର୍ଣ୍ଣ ଋଣୀ। ତେଣୁ ନାରୀ ମାନଙ୍କୁ ସମ୍ମାନ କର ଏବଂ ସେମାନଙ୍କୁ ସୁଖୀ କର। ଅତୀତ ହେଉ, ବର୍ତ୍ତମାନ ହେଉ ବା ଭବିଷ୍ୟତ ହେଉ ସର୍ବକାଳରେ ନାରୀ ହିଁ ପ୍ରଗତିର ମେରୁଦଣ୍ଡ, ଦେଶ ଓ ଜାତିର ହୃତ୍‌ପିଣ୍ଡ ଓ ପ୍ରାଣବାୟୁ ସଦୃଶ। ଭାରତର ମହାନ ସଂସ୍କୃତିର ସୁରକ୍ଷା କ୍ଷେତ୍ରରେ ନାରୀ ମାନଙ୍କର ଦାନ ଅତୁଳନୀୟ। ବୈଦିକ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ନାରୀମାନେ ହିଁ ଭାରତୀୟ ସଂସ୍କୃତିର ସଂରକ୍ଷକ ଓ କର୍ଣ୍ଣଧାର ହୋଇ ଆସିଛନ୍ତି। ଆମ ଜନ୍ମଭୂମି ଭାରତରେ ଅମୃତୋପମ ଭାବ ହେଉଛି ନିଜର ମାତାଙ୍କ ପ୍ରତି ପ୍ରେମ। ଉତ୍ତମ ଚରିତ୍ର ହିଁ ପ୍ରକୃତ ସୌନ୍ଦର୍ଯ୍ୟ, ନୈତିକତା ନାରୀର ପ୍ରାଣବାୟୁ, ଲଜ୍ୟା ତା'ର ଜୀବନୀ ଶକ୍ତି ଓ କଠୋର ସତ୍ୟାନୁସରଣ ହିଁ ତା'ର ପ୍ରତିଦିନର କର୍ତ୍ତବ୍ୟ।

# ରେମୁଣା ସମ୍ବାଦ ସାହିତ୍ୟ ଘର ପକ୍ଷରୁ ସ୍ୱାଭିମାନ ଦିବସ



ବାଲେଶ୍ୱର (ପିଏନ୍)- ରେମୁଣା ସମ୍ବାଦ ସାହିତ୍ୟ ଘର ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀରେ ସ୍ୱାଭିମାନ ଦିବସ ସତ୍ୟବତୀ ନଗର ସମ୍ବାଦ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ଘର ସଭାପତି ଡ. ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି କ୍ଷୀରଚରା ଗୋପୀନାଥ ମନ୍ଦିର ନିର୍ବାହି ଅଧିକାରୀ ସରୋଜ କୁମାର ବେହେରା, ମୁଖ୍ୟ ବକ୍ତା ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ, ସମ୍ମାନିତ ଅତିଥି ଅବସର ପ୍ରାପ୍ତ ଅଧକ୍ଷ ଡ. ଶ୍ୟାମସୁନ୍ଦର ପଣ୍ଡା, ଆଇନ ଜିବୀ ମାୟାଧର ମାହାର୍ଣ୍ଣା, ସାହିତ୍ୟକ ବିଧାନ ଚନ୍ଦ୍ର ରାୟ, ଶିକ୍ଷାବିତ୍ ବିଷ୍ଣୁପଦ ପଣ୍ଡା, ସଂଗୀତ ଗୁରୁ ଗଙ୍ଗାଧର ସେଠୀ, ଡ. ସତ୍ୟରଞ୍ଜନ ଦାସ, କବି ନିରଞ୍ଜନ ସାହୁ, ଶିକ୍ଷାବିତ୍ ବୃନ୍ଦାବନ ବେହେରା, ଦିନବନ୍ଧୁ ଦାସ, କବି ଗଙ୍ଗାଧର ଦାସ ପ୍ରମୁଖ ଯୋଗ ଦେଇ କୁଳବୃଦ୍ଧ ଜାତିପ୍ରାଣ ମଧୁବାବୁଙ୍କ ତ୍ୟାଗପୁତ ଜୀବନର ମହନୀୟ ଗୁଣାବଳୀ ଆଲୋଚନା କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ସଂଯୋଜକ ସାମ୍ବାଦିକ ଗୋବିନ୍ଦ ଚନ୍ଦ୍ର ପାଢ଼ୀ ସ୍ୱାଭିମାନ ଦିବସର ଆଭିମୁଖ୍ୟ ଓ ଆମ ଓଡ଼ିଶା ସମ୍ବାଦ ସାହିତ୍ୟ ଘରର କାର୍ଯ୍ୟଧାରା ସଂପର୍କରେ ଆଲୋକପାତ କରି ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। କବୟିତ୍ରୀ ସତ୍ୟଭାମା ମୁଦଲି ମଧୁବାବୁଙ୍କ ଆବାହନୀ ଓ ଉଦ୍‌ଯାପନୀ ସଂଗୀତ ଗାନ କରିଥିଲେ। ଦ୍ୱିତିୟ ଅଧିବେଶନରେ କବି ରବୀନ୍ଦ୍ର କୁମାର ବିଶ୍ୱାଳ, କବି ମଧୁସୂଦନ ପାଢ଼ୀ ଓ କୁମାରୀ ଇପ୍ସିତା ସ୍ୱାଇଁ ସଂଯୋଜନାରେ ମଧୁସୂଦନଙ୍କ ଜୀବନୀ ଆଧାରିତ ଓ ସ୍ୱାଭିମାନ ସଂପର୍କିତ ଏକ ମନୋଜ୍ଞ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ୟଙ୍ଗ କବି ପ୍ରଭାକର ସାହୁ, ଯୋଗେଶ ଚନ୍ଦ୍ର ବେହେରା, ଗର୍ଗପଦ ପଣ୍ଡା, ହରେକୃଷ୍ଣ ଗିରି, ସୀତାନାଥ ଦାସ, ମିନତୀ ପାତ୍ର, ଡ. ରତ୍ନାକର ସିଂହ, ନିରଞ୍ଜନ ବେହେରା, ପ୍ରଦୀପ କୁମାର ଉପାଧ୍ୟା, ଷ୍ଟାଲିନ ମିଶ୍ର, ଦିବେନ୍ଦୁ ମଲ୍ଲିକ, କଞ୍ଚମଣି ସ୍ୱାଇଁ, ବାବୁଲି ନାୟକ, ସଇଦନ ବିବି, ଦୁଶମନ୍ତ ଦାସ, କବି ଚକ୍ରଧର ଦାସ, ସତ୍ୟ ନାରାୟଣ ପାକଳ, ନିରଞ୍ଜନ ମାହାର୍ଣ୍ଣା, ଜିତେନ୍ଦ୍ର କୁମାର ଘୋଷାଲ, ସଂଜୟ କୁମାର ପ୍ରଧାନ, ଯତିନ୍ଦ୍ରନାଥ ଜେନା, ରଶ୍ମିବାଳା ଦାସ, ଚକ୍ରଧର ଦାସ, ରାଧାରଞ୍ଜନ ଦାସ, ଇଶ୍ୱର ଚନ୍ଦ୍ର ବେହେରା, ବ୍ୟଙ୍ଗ କବି ପଦ୍ମଲୋଚନ ପ୍ରଧାନ, କାଳୀଚରଣ ବିନ୍ଧାଣୀ ପ୍ରମୁଖ ସ୍ୱରିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଇଂ ମାନସ କୁମାର ପାଢ଼ୀ, ବାବୁଲା ନାୟକ, କମଳା ନାୟକ ଙ୍କ ସମେତ ସାହିତ୍ୟ ଘରର ସଦସ୍ୟ ଓ ସଦସ୍ୟା ମାନେ ସହାୟତା କରିଥିଲେ। ଶେଷରେ କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ମହାରଣା ଧନ୍ୟବାଦ ଦେଇଥିଲେ।

# ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଅନୁଷ୍ଠିତ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାପାଳ ଅମ୍ରିତ ଋତୁରାଜଙ୍କ ପୌରୋହିତ୍ୟରେ ଜିଲ୍ଲା ଉପଭୋକ୍ତା ସୁରକ୍ଷା ପରିଷଦ ବୈଠକ ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲା ଖାଉଟି ସୁରକ୍ଷା ପରିଷଦର ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଉପଜିଲ୍ଲାପାଳ ନିରଞ୍ଜନ ବେହେରା, ଖାଉଟି ସୁରକ୍ଷା ପରିଷଦର ସଭାପତି, କେନ୍ଦ୍ରାପଡା ବିଧାୟକଙ୍କ ପ୍ରତିନିଧି, ପାଟକୁରା ବିଧାୟିକାଙ୍କ ପ୍ରତିନିଧି, ରାଜନଗର ବିଧାୟକଙ୍କ ପ୍ରତିନିଧି, କେନ୍ଦ୍ରାପଡା, ମହାକାଳପଡା, ଗରଦପୁର ବ୍ଲକ ଅଧକ୍ଷ, କେନ୍ଦ୍ରାପଡା ପୌରପରିଷଦର ଅଧକ୍ଷା, ମାପଯନ୍ତ୍ର ଓ ବଜାର ନିୟନ୍ତ୍ରଣର ଜିଲ୍ଲା ଓ ରାଜ୍ୟ ସ୍ତରୀୟ ଅଧିକାରୀ ଓ ଉପଭୋକ୍ତାମାନେ ଉପସ୍ଥିତ ରହି ଉକ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବୈଠକର ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ସଦସ୍ୟଙ୍କୁ ସ୍ୱାଗତ ଜଣାଇବା ସହ ଖାଉଟି ସୁରକ୍ଷା ସମ୍ପର୍କରେ ବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏଥିରେ ଖାଉଟି ସୁରକ୍ଷା ସଭାପତି ପ୍ରବୋଧ କୁମାର ଦାଶ କିପରି ଖାଉଟିଙ୍କ ସୁରକ୍ଷା ନିମନ୍ତେ ଜିଲ୍ଲା, ରାଜ୍ୟ ଓ କେନ୍ଦ୍ର ସ୍ତରରେ କମିଶନମାନ ଗଠନ କରାଯାଇଛି ଏବଂ ଜଣେ ସାଧାରଣ ଖାଉଟି ଏହାର ସଦୁପଯୋଗ କରି ନିଜର ହକ ପ୍ରାପ୍ତ କରିପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସେ ଜଣେ ବୋଲେରୋ ହିତାଧିକାରୀ କିପରି ତାଙ୍କ ଗାଡିର ଚେଚିସ ଖରାପ ହୋଇଯିବାରୁ ସେ ମହିନ୍ଦ୍ରା କମ୍ପାନୀ ଠାରୁ ତାଙ୍କର କ୍ଷତିପୂରଣ ପାଇପାରିଲେ ଏକ ସୁନ୍ଦର ଉଦାହରଣ ମାଧ୍ୟମରେ ଘଟଣା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହା ପରେ ଓଜନ ଓ ମାପଯନ୍ତ୍ରର ଅଧିକାରୀ କିପରି ଭାବରେ ଜଣେ ହିତାଧିକାରୀ ହାତ ମାପ ଯନ୍ତ୍ର ଓ ଯାନ୍ତ୍ରିକ ମାପ ଯନ୍ତ୍ରର ଅନୀୟମୀତତାର ଠକାମିରେ ଶିକାର ନହେବ ସେ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।




## ଦୃଷ୍ଟିଆକର୍ଷଣ କଲେ ପରିବେଶବିତ୍, ପୂତିଗନ୍ଧମୟ ପରିବେଶରୁ ମୁକୁଳିଲେ ଅଞ୍ଚଳବାସୀ



ଭୁବନେଶ୍ୱର (ପିଏନ୍): କୁଢ଼ କୁଢ଼ ବର୍ଜ୍ୟର ପାହାଡ଼, ପୂତିଗନ୍ଧମୟ ଓ ଅସ୍ୱାସ୍ଥ୍ୟକର ପରିବେଶରୁ ମୁକୁଳିଛି ସ୍ମାର୍ଟନଗରୀ ଭୁବନେଶ୍ୱରର ୬୧ନଂ ୱାର୍ଡ ଅନ୍ତର୍ଗତ ଭୀମେଶ୍ୱରମାର୍ଗ ଅଞ୍ଚଳ। ସୂଚନାଯୋଗ୍ୟ ଉକ୍ତ ଅଞ୍ଚଳରୁ ସଂଗୃହିତ ବର୍ଜ୍ୟବସ୍ତୁଗୁଡ଼ିକୁ ରାସ୍ତା ପାର୍ଶ୍ୱରେ ଜନବସତି ଅଞ୍ଚଳରେ ସଫେଇ କର୍ମଚାରୀମାନେ ଗଦା କରି ଆସୁଥିଲେ । ପରିସ୍ଥିତି ଓ ପରିବେଶ ଏପରି ବିଗିଡ଼ିଯାଇଥିଲା ଯେ ଲୋକେ ଦୁର୍ଗନ୍ଧରେ ଅତିଷ୍ଠ ହୋଇ ଅଣନିଶ୍ୱାସୀ ହୋଇପଡ଼ିଥିଲେ। ଅଳିଆ ଉଠାଇବା ସମ୍ପର୍କରେ ସଫେଇ କର୍ମଚାରୀଙ୍କୁ କେହି ପଚାରିଲେ ଆମେ ଏ ବିଷୟରେ କିଛି କହିପାରିବୁ ନାହିଁ କହି ଚାଲିଯାଆନ୍ତି। ଧୀରେ ଧୀରେ ଏହି ଆବର୍ଜନାର ପାହାଡ଼ ରାସ୍ତା ଉପରକୁ ମାଡ଼ିଯାଇଥିଲା। ଆତଯାତ କରୁଥିବା ଲୋକେ ନାକରେ ରୁମାଲ୍ ଦେଇ ବହୁ କଷ୍ଟରେ ରାସ୍ତା ଅତିକ୍ରମ କରୁଥିଲେ। ଏଭଳି ପରିମଳ ଅବସ୍ଥା ଦେଖି ପରିବେଶବିତ୍ ସୁଶାନ୍ତ ସାହୁ ଏ ସମ୍ପର୍କରେ ଭୁବନେଶ୍ୱର ମହାନଗର ନିଗମର କମିଶନର ବିଜୟ ଅମୃତ କୁଲାଙ୍ଗେଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମସ୍ୟାର ଶୀଘ୍ର ସମାଧାନ ପାଇଁ ନିବେଦନ କରିଥିଲେ। କମିଶନର ସମସ୍ୟାଟିକୁ ତୁରନ୍ତ ବିଚାରକୁ ନେଇ କିଛି ସମୟ ମଧ୍ୟରେ ଅଞ୍ଚଳଟିକୁ ଆବର୍ଜନାରୁ ମୁକ୍ତ କରିଦେଇଥିଲେ। ଏ ନେଇ ଅଞ୍ଚଳବାସୀ ଖୁସି ପ୍ରକଟ କରିବା ସହ କମିଶନରଙ୍କ ତ୍ୱରିତ ପଦକ୍ଷେପକୁ ଜନସାଧାରଣ ପ୍ରଶଂସା କରିବା ସହ ସାଧୁବାଦ ଜଣାଇଛନ୍ତି।

## ଝୁମ୍ପୁରା ବିଡିଓଙ୍କ ନେତୃତ୍ୱରେ ଅର୍ଶଳା ଖେଳପଡିଆରେ ଚାରିଶହ ବୃକ୍ଷରୋପଣ

ଝୁମ୍ପୁରା (ପିଏନ୍)- ବୃକ୍ଷଲତା ମାନବ ସମାଜର ପରମ ମିତ୍ର । ଏହାକୁ ଆଖି ଆଗରେ ରଖି ଝୁମ୍ପୁରା ବ୍ଲକର ପ୍ରତି ପଚାଂୟତରେ ଥିବା ଖେଳପଡିଆ ଚର୍ତୁପାର୍ଶ୍ୱରେ ବୃକ୍ଷରୋପଣ କରି ସବୁଜବଳୟ ସୃଷ୍ଟି ସହ ସନ୍ଦୌର୍ଯ୍ୟକରଣ କରିବା ସ୍ଥାନୀୟ ବିଡିଓ ଉମାକାନ୍ତ ପରିଡାଙ୍କ ମୁଖ୍ୟ ଉଦ୍ଦେଶ୍ୟ । ତେବେ ଏହାକୁ ପାଥେୟ କରି ଝୁମ୍ପୁରା ବ୍ଲକରେ ନୂତନ ଭାବେ ଯୋଗ ଦେଇଥିବା ବିଡିଓ ଶ୍ରୀ ପରିଡାଙ୍କ ନେତୃତ୍ୱରେ ଅର୍ଶଳା ପଚାଂୟତର ଅର୍ଶଳା ଗ୍ରାମ ଖେଳପଡିଆ (ଷ୍ଟାଡିୟମ)ରେ ପ୍ରଥମ ଦିନରେ ଚାରିଶହ ବୃକ୍ଷରୋପଣ କରାଯାଇଛି । ସୂଚନାଯୋଗ୍ୟ ଅର୍ଶଳା ପଚାଂୟତକୁ ପରିଦର୍ଶନରେ ଯାଇଥିବା ବେଳେ ଖେଳପଡିଆ ବିଡିଓ ଶ୍ରୀ ପରିଡାଙ୍କ ନଜରକୁ ଆସିଥିଲା । ଖେଳପଡିଆ ଭିତରକୁ ଯାଇ ସେ ବୁଲାବୁଲି କରି ଚାରିପାଖରେ ବୃକ୍ଷରୋପଣ କରିବା ନିମନ୍ତେ ମନସ୍ଥ କରିଥିଲେ । ଏହାପରେ ପଂଚାୟତ ପ୍ରତିନିଧି, ପିଇଓ, ଜିଆରଏସ୍, କନିଷ୍ଠ ଯନ୍ତ୍ରୀଙ୍କ ସହ ବନୀକରଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରି ବୃକ୍ଷରୋପଣର ତାରିଖ ଏବଂ ଦିନ ଧାର୍ଯ୍ୟ କରାଯାଇଥିଲା । ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବିଡିଓ ଉମାକାନ୍ତ ପରିଡା, ଏପିଇଓ ପୂର୍ଣ୍ଣଚନ୍ଦ୍ର ନାଏକ, ୧୭ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସୋମବାରୀ ମୁର୍ମୁ, ସମିତି ସଭ୍ୟା ଲିଲିମଣି ମାଝୀ, ପୂର୍ବତନ ସରପଂଚ ପ୍ରଶନ୍ନ ନାଏକ, ଜିଆରଏସ୍ କେଦାରନାଥ ମହାନ୍ତ, ମେଟ୍ ତଫାନ ନାଏକ, ସ୍ଥାନୀୟ ବୁଦ୍ଧିଜୀବୀ ଲୋକନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ପ୍ରତୀକ ଭିଜନ ଥିଏଟର ପକ୍ଷରୁ ଯାଜପୁରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଯାଜପୁର (ପିଏନ୍): କଳାକାର ମାନଙ୍କୁ ସଂଗଠିତ କରି ଏକ ନୂତନ ଦିଗଦର୍ଶନରେ ନୈତିକ ବୋଧକ ବାର୍ତ୍ତା ବହନ କରୁଥିବା ରାଜ୍ୟର ଏକ ପ୍ରମୁଖ ଥିଏଟର ଅନୁଷ୍ଠାନ ପ୍ରତୀକ ଭିଜନ ପକ୍ଷରୁ ସ୍ଥାନୀୟ ଯାଜପୁରର ଖଣ୍ଡରା ଛକ ନିକଟରେ ଥିବା ଶିଶୁକଲ୍ୟାଣ ସ୍ୱାଧୀକାର ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ଉକ୍ତ ବୈଠକରେ ବରିଷ୍ଠ ନାଟ୍ୟକାର ବୈଦ୍ୟନାଥ ପଣ୍ଡା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ହରିହର ସ୍ୱାଇଁ, ମୁଖ୍ୟବକ୍ତାଭାବେ ବରିଷ୍ଠ ସାମ୍ବାଦିକ ତପନ ମହାରଣ୍ୟଶର୍ମା, ସମ୍ମାନିତ ଅତିଥି ଭାବେ ଯୁବକବି ଜିତେନ୍ଦ୍ର ବେହେରା, ସାମ୍ବାଦିକ ସୁରେଶ କର ପ୍ରମୁଖ ଯୋଗ ଦେଇ ଏହି ଅନୁଷ୍ଠାନକୁ ଏକ ଅଗ୍ରଣୀ ଅନୁଷ୍ଠାନରୂପେ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ।

ଜଣାଶୁଣା ଥିଏଟର ନିର୍ଦ୍ଦେଶକ ପ୍ରସନ୍ନ କୁମାର ବିଶ୍ୱାଳ, ଇଚ୍ଛାମୟୀ ଧଳ ଅନୁଷ୍ଠାନର ଅଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ବୈଠକରେ ସର୍ବସମ୍ମତିକ୍ରମେ କାର୍ଯ୍ୟକର୍ତ୍ତା ଚୟନ କରାଯାଇ ଆଗାମୀ ଦିବସର କାର୍ଯ୍ୟପନ୍ଥା ପାଇଁ ଏକ ଖସଡ଼ା ପ୍ରସ୍ତୁତି କରାଯାଇଥିଲା। ସୂଚନା ଅନୁଯାୟୀ ଏହି ବୈଠକରେ ସାମ୍ବାଦିକ ଟୁଟୁ ଭାଇଙ୍କ ସମେତ କଳାକାର ନୀଳାଦ୍ରି ସାହୁ, ଧନଞ୍ଜୟ ମିଶ୍ର, ଜିତେନ୍ଦ୍ର ସାହୁ, ପ୍ରଭାତ ଦାସ, ଅଙ୍କିତ କର, ସସ୍ମିତା ରାଉତ, ଅନିତା ସାହୁ, ଲିପିକା ସ୍ୱାଇଁ, ଯୋଗ ଦେଇ ନିଜର ମତବ୍ୟକ୍ତ କରିଥିଲେ।

## ଯାନବାହନ ଚଳାଚଳ ନେଇ ଟ୍ରାଫିକ୍ କଟକଣା ଲାଗୁ



ବାଲେଶ୍ୱର (ପିଏନ୍)-ବାଲେଶ୍ୱର ସହରର କେତୋଟି ନିର୍ଦ୍ଦିଷ୍ଟ ରାସ୍ତାରେ ଭାରୀଯାନ ଚଳାଚଳ ନେଇ ଜିଲ୍ଲା ପ୍ରଶାସନ ତରଫରୁ କଟକଣା ଲାଗୁ କରାଯାଇଥିଲା । ଦୁର୍ଘଟଣା, ଜୀବନହାନି ଏବଂ ଟ୍ରାଫିକ୍ ଜାମ୍ ହ୍ରାସ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି । ଆଇ.ଟି.ଆଇ. ଛକରୁ ଭାୟା ବାଲେଶ୍ୱର ବସ୍‌ଷ୍ଟାଣ୍ଡ, ଏଫ.ଏମ୍. ଗୋଲେଇ ଦେଇ ସୁରଜ ହୋଟେଲ ଛକ, ପୋଲିସ ଲାଇନ ଛକରୁ ଭାୟା ଏଫ.ଏମ୍. କଲେଜ ଦେଇ ହେମକାପଡା ଛକ, ଫକୀରମୋହନ ଗୋଲେଇରୁ ଭାୟା ଫାଣ୍ଡି ଛକ, ଚିଡିଆପୋଲ, ସଦର ମହକୁମା ଡାକ୍ତରଖାନା, ସିନେମା ଛକ ଏବଂ ମୋତିଗଞ୍ଜ ବଜାର ଦେଇ ଟାଉନ ଥାନା, ଷ୍ଟେସନ ଛକରୁ ଭାୟା ଏଡିଏମ ଛକ, ଜିଲ୍ଲା ସ୍କୁଲ ଦେଇ ପାଣି ଟାଙ୍କି ଛକ, ମିର୍ଜାପୋଖରୀ ଛକରୁ ଭାୟା ମାଣିଖମ୍ବ ଏବଂ ବାରବାଟୀ ଦେଇ ବୁଢା କାର୍ତିକ ଛକ, ମିର୍ଜାପୋଖରୀରୁ ଭାୟା ଟାଉନହଲ ଏବଂ ସିନେମା ଛକ ଦେଇ ବେବିଲୋନ ଛକ, ଟେକନିକାଲ ସ୍କୁଲ ଛକରୁ ଭାୟା ଏଡିଏମ ଛକ, ରାଜାବଗିଚା ଦେଇ ନାରୀସଂଘ, ଷ୍ଟେସନ ଛକରୁ ଭାୟା ନାରୀସଂଘ ଦେଇ ପଢୁଆଁପଦା ଛକ ପର୍ଯ୍ୟନ୍ତ ରାସ୍ତାଗୁଡିକରେ ସକାଳ ୮ଘଟିକା ୩୦ମିନିଟ୍‌ରୁ ରାତ୍ର ୧୦ଘଟିକା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା ।

ହରିପୁର ପାର୍ଶ୍ୱରୁ ଆସୁଥିବା କେବଳ ଟ୍ରାକ୍ଟର, ମିନିଟ୍ରକ୍‌ଗୁଡିକୁ ଆନନ୍ଦ ବଜାର, ମାଲଗୋଦାମ, ଭାସ୍କରଗଞ୍ଜ ଛକ, ତେଲେଙ୍ଗା ସାହି ଛକ, ପୋଲିସ ଲାଇନ ଛକ ଦେଇ ଆଇ.ଟି.ଆଇ.ଛକ ଆଡକୁ ଯିବା ଓ ସେହି ସମାନ ରାସ୍ତା ଦେଇ ଫେରିବାକୁ ଅନୁମତି ଦିଆଯିବ । ସେହିପରି ଚାନ୍ଦିପୁର ଅଂଚଳରେ ସମୁଦ୍ର ବେଳାଭୂମିରେ ଗାଡି ଚାଳନା ଯୋଗୁଁ ଘଟୁଥିବା ଅଘଟଣକୁ କମାଇବା ପାଇଁ ସୋନପୁର ଛକରୁ ଆରମ୍ଭ କରି ଚାନ୍ଦିପୁର ପାନ୍ଥନିବାସ ପର୍ଯ୍ୟନ୍ତ ଯାନ ଚାଳନା ପାଇଁ ଉଦ୍ଦିଷ୍ଟ ନ ଥିବା ଅଂଚଳରେ ସମସ୍ତ ପ୍ରକାର ଯାନ ଚଳାଚଳ ଉପରେ କଟକଣା ଲାଗୁ କରାଯାଇଥିଲା । ଅନୁରୂପ ଭାବେ ଯାନବାହାନ ଚଳାଚଳ ପାଇଁ ଉଦ୍ଦିଷ୍ଟ ନ ଥିବା ତାଳସାରୀ ବେଳାଭୂମି ଅଂଚଳରେ ମଧ୍ୟ ସମସ୍ତପ୍ରକାର ଯାନ ଚଳାଚଳ ଉପରେ କଟକଣା ଜାରି କରାଯାଇଥିଲା । ଜିଲ୍ଲାପାଳ ଶ୍ରୀ ଦତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଦ୍ୱାରା ଅନୁମୋଦିତ ଆଦେଶନାମା ଅନୁଯାୟୀ ତା୩.୮.୨୦୨୨ରିଖରୁ ତା୧.୯.୨୦୨୨ରିଖ ପର୍ଯ୍ୟନ୍ତ ୩୦ଦିନ ପାଇଁ ଏହି ସମସ୍ତ କଟକଣା ବଳବତର ରହିଥିଲା ।

## ରିଜିଓନାଲ ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନ୍ତର୍ଜାତୀୟ ଯୁବଦିବସ ପାଳିତ

ଯାଜପୁର (ପିଏନ୍): ଯାଜପୁର ରାମବାଗ ସ୍ଥିତ ରିଜିଓନାଲ ମହାବିଦ୍ୟାଳୟ ପରିସରରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆନ୍ତର୍ଜାତିକ ଯୁବ ଦିବସ ପାଳିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଡିଗ୍ରୀ କଲେଜ ଅଧକ୍ଷ ପ୍ରମୋଦ କୁମାର ମହାନ୍ତିଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥିଭାବେ ଡକ୍ଟର ବିଜୟ ସୁନ୍ଦର ରାୟ, ସମ୍ମାନୀୟ ଅତିଥି ଭାବେ ପ୍ରଫେସର ଅବଦୁଲ ଅଲ୍ଲୀ ଖାଁ, ରିଜିଓନାଲ ଜୁନିଅର କଲେଜର ଅଧକ୍ଷ ଅନିଲ କୁମାର ମହାନ୍ତି, ସ୍ୱାତି ପ୍ରିୟଦର୍ଶନୀ ଆର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଯୁବ ଅନ୍ତର୍ଜାତୀୟ ଯୁବ ଦିବସରେ ଆଜାଦକି ଅମୃତ ମହୋତ୍ସବ ସ୍କିଲ୍ ଡେଭ୍‌ଲପମେଣ୍ଟ କାର୍ଯ୍ୟକ୍ରମ, ମୋ କଲେଜ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ପ୍ରତିଯୋଗିତା ଯଥା: ଝୋଟି, ମୁରୁଜ, ବକ୍ତୃତା, ଗୀତ, ନାଚ, ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଅଛି। କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରଞ୍ଜିତ ସିଂ, ଜଗନ୍ନାଥ ପରିଡ଼ା, ସରୋଜ କୁମାର ଜେନା, ଶୁଭେନ୍ଦୁ ମହାପାତ୍ର, ଡକ୍ଟର ଶଶଧର ଦାସ, ବିଜୟ ଦାସ, ପ୍ରିୟରଂଜନ ପରିଡ଼ା, ଗୌରାଙ୍ଗ ଚରଣ ବେହେରା, ସୋମ୍ୟରଂଜନ ପଲାଇ, ଅଧାପିକା ବିଜୟିନୀ ପାକିଜା ସାମଲ, ବିଶ୍ୱାମିତ୍ର ଦାସ, ନିବେଦିତା ବେହୁରିଆ, ଅର୍ଣ୍ଣପୂର୍ଣ୍ଣ ଦାସ, ସଂଗୀତା ପତି, କ୍ଷୀରବ୍ଧି ସେଣ୍ଠ, ଝାନ୍ସୀ ରାଣୀ ମଲ୍ଲିକ, କୃଷ୍ଣପ୍ରିୟା ସାହୁ, ଶ୍ରଦ୍ଧାଞ୍ଜଳି ରାଉତ, ଅନିତା ପଣ୍ଡା, ମୁକ୍ତିପ୍ରଭା ସାମଲ, ସ୍ମିତାରାଣୀ ସାମଲ, ସତ୍ୟକାମ ମହାନ୍ତି, ସ୍ମୃତିରଂଜନ ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ, ହିମାଂଶୁ ରାଉତ, ସନ୍ତୋଷ ଦାସ, ହିମାଂଶୁ ସାହୁ, ବିରଞ୍ଚି ନାରାୟଣ ମହାନ୍ତି, ଅମର କୁମାର ବେହେରା, ଶ୍ୟାମସୁନ୍ଦର ମିଶ୍ର, ଶମ୍ଭୁନାଥ ଦାସ, ଚନ୍ଦନ ଦାସ ପ୍ରମୁଖ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ।

# ବିଷ ବଳୟରେ ୯୦% ଭାରତୀୟ

### —ଅଧିକ ସଂକ୍ରମିତ ହେବେ ଶିଶୁ—

ନିକଟରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଅନୁଷ୍ଠିତ ହୋଇଯାଇଛି। କୁହାଯାଏ ଆମ ସମୟରେ ପିଲାମାନେ ହେଉଛନ୍ତି ଅମୃତର ସନ୍ତାନ ଓ ଭଗବାନଙ୍କ ଦିବ୍ୟ ପ୍ରତୀକ। ଆସନ୍ତୁ ଗୋଟିଏ ଛୋଟିଆ କଥା ଚିନ୍ତା କରିବା। ପୃଥିବୀକୁ ଘେରି ରହିଥିବା ନୀଳ ଆକାଶ ଆଗଭଳି ଆଉ ନିର୍ମଳ ନାହିଁ। ବିଷାକ୍ତ ବାୟୁରେ ଏହା ଭରପୁର। ଶ୍ୱାସକ୍ରିୟାରେ ବିଶ୍ୱବାସୀ ଅମ୍ଳଜାନ ସହିତ ପୁଳା ପୁଳା ବିଷ ଶୋଷି ଚାଲିଛନ୍ତି। ବିଶ୍ୱର ପ୍ରାୟ ୯୯% ଲୋକ ବିଷାକ୍ତ ବାୟୁରେ ଶ୍ୱାସକ୍ରିୟା କରି ନିଜ ପାଇଁ ସାଙ୍ଘାତିକ ବିପଦ ସୃଷ୍ଟି କରୁଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ସଦ୍ୟ ରିପୋର୍ଟରୁ ଏହି ଚିତ୍ର ମିଳିଛି। ଭାରତର ପ୍ରାୟ ୯୦% ଲୋକ ବିଷାକ୍ତ ବାୟୁ ଘେରରେ ଥିବା ରିପୋର୍ଟ କହୁଛି। ବିଶ୍ୱର ୯୯% ବା ପାଖାପାଖି ୭୯୭ କୋଟି ଲୋକ ଶ୍ୱାସକ୍ରିୟା ସମୟରେ ନାଇଟ୍ରୋଜେନ ଡାଇଅକ୍ସାଇଡ଼ ଏବଂ ଅତି ସୂକ୍ଷ୍ମ ଅନିଷ୍ଟକାରୀ କଣିକା ଶୋଷୁଛନ୍ତି। ବାୟୁରେ ଥିବା ପାର୍ଟିକୁଲେଟ ମ୍ୟାଟର ବା ପିଏମ୍ (ଅତି ସୂକ୍ଷ୍ମ କଠିନ କଣିକା ଓ ତରଳ ବୁନ୍ଦା ଯେଉଁଥିରେ ଧୂଳି, ମଇଳା, ଧୂଆଁ ଆଦି ମିଶ୍ରିତ ହୋଇଥାଏ)। ଫୁସଫୁସ ପାଇଁ ବିଷଠାରୁ କିଛି କମ ନୁହେଁ। ତାହାଠାରୁ କମ ପିଏମ୍୧୦ ଏବଂ ୨.୫ ମାଇକ୍ରୋମିଟର ବା ତାହାଠାରୁ କମ (ପିଏମ୍୨.୫)। ଡବ୍ଲୁଏଚଓ ମୁତାବକ ପିଏମ୍୨.୫ର କଣିକା ଫୁସଫୁସ ମଧ୍ୟରେ ପ୍ରବେଶ କରି ରକ୍ତ ସହିତ ମିଶି ପ୍ରବାହିତ ହୋଇପାରିବ। ଏହାଦ୍ୱାରା ହୃଦରୋଗ ସମସ୍ୟା ସୃଷ୍ଟି ହୋଇପାରେ। ଆହୁରି ମଧ୍ୟ ମସ୍ତିଷ୍କାଘାତ, ଫୁସଫୁସ ରୋଗ, କ୍ୟାନସର ଓ ନିମୋନିଆର କାରଣ ମଧ୍ୟ ସାଜିପାରେ। ଲାନସେଟ ପତ୍ରିକାରେ ପ୍ରକାଶିତ ରିପୋର୍ଟ ଅନୁସାରେ ବାୟୁରେ ବଢୁଥିବା ନାଇଟ୍ରୋଜେନ ଡାଇଅକ୍ସାଇଡ଼ ମାତ୍ରା ପିଲାମାନଙ୍କ ଠାରେ ଆଜମା ରୋଗ ବୃଦ୍ଧି କରିପାରେ। ଏହା ଯୋଗୁଁ ପ୍ରତିବର୍ଷ ୮.୫% ନୂଆ ଆଜମା ମାମଲା ସୃଷ୍ଟି ହେଉଛି। ପ୍ରତିବର୍ଷ ୪୨ ଲକ୍ଷ ଲୋକ ବାହ୍ୟ ବାୟୁ ପ୍ରଦୂଷଣ ସଂସ୍ପର୍ଶରେ ଆସି ପ୍ରାଣ ହରାଉଛନ୍ତି। ସେହିଭଳି ୩୮ ଲକ୍ଷ ଘର ମଧ୍ୟରେ ସୃଷ୍ଟି ପ୍ରଦୂଷଣ ଯୋଗୁଁ ପ୍ରାଣ କରାଉଛନ୍ତି। ମଇଳା ଚୁଲା ଏବଂ ବିଷାକ୍ତ ଇନ୍ଧନ ଯୋଗୁଁ ଘର ମଧ୍ୟରେ ପ୍ରଦୂଷଣ ବଢୁଛି। ଅର୍ଥାତ୍ ବର୍ଷକୁ ୮୦ ଲକ୍ଷ ଲୋକ ବାୟୁ ପ୍ରଦୂଷଣ ଯୋଗୁ ମରୁଛନ୍ତି। ବାୟୁ ପ୍ରଦୂଷଣର ପ୍ରତିକାର ପାଇଁ ଏବେ ଅଧିକାଂଶ ଦେଶ ନିଜ ଆଡୁ ଚେଷ୍ଟା କରୁଥିଲେ ହେଁ ତାହା ପର୍ଯ୍ୟାପ୍ତ ହେଉନାହିଁ। ବିଶ୍ୱର ୯୯ ପ୍ରତିଶତ ଲୋକ ପ୍ରଶ୍ୱାସରେ ଗ୍ରହଣ କରୁଛନ୍ତି ପ୍ରଦୂଷିତ ବାୟୁ। ମିଳୁନି ମୁକ୍ତ ଅମ୍ଳଜାନ। ଗ୍ରହଣ କରୁଥିବା ଏହି ବାୟୁର ପ୍ରଦୂଷଣ ସ୍ତର ଯଥେଷ୍ଟ ଅଧିକ। ଏହା ଲୋକଙ୍କ ପାଇଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରୁଛି। ଏହି ସତର୍କ ସୂଚନା ଦେଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ। ଡବ୍ଲ୍ୟୁଏଚଓ ପକ୍ଷରୁ ଧାର୍ଯ୍ୟ ପ୍ରଦୂଷଣ ସ୍ତର ଠାରୁ ଏହି ବାୟୁର ମାନ ଅଧିକ ଖରାପ ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପୂର୍ବରୁ ଡବ୍ଲ୍ୟୁଏଚଓ ପକ୍ଷରୁ ବାୟୁ ମାନ ସମ୍ପର୍କରେ ପ୍ରକାଶିତ ସଦ୍ୟ ତଥ୍ୟରେ ବାର୍ଷିକ ହାରାହାରି ଭିତ୍ତିରେ ବାୟୁ ମଣ୍ଡଳରେ ମିଶୁଥିବା ଯବକ୍ଷାରଜାନ ଡାଇଅକ୍ସାଇଡ଼ ସମ୍ପର୍କିତ ସୂଚନା ସ୍ଥାନ ପାଇଛି। ଯାହା ସହରାଞ୍ଚଳ ପ୍ରଦୂଷଣ କ୍ଷେତ୍ରରେ ସର୍ବତ୍ର ପରିଲକ୍ଷିତ ହେଉଛି। ଏହି କାରଣରୁ ବାୟୁରେ ପାର୍ଟିକୁଲେଟ ମ୍ୟାଟର ଏବଂ ଓଜୋନର ଉପସ୍ଥିତି ବୃଦ୍ଧି ପାଉଛି। ପିଲାମାନଙ୍କୁ ଘର ଭିତରେ ଆବଦ୍ଧ କରି ରଖନ୍ତୁ ନାହିଁ ସେମାନଙ୍କ ପାଇଁ ସମୟ କାଢ଼ନ୍ତୁ କିନ୍ତୁ କରୋନା ସଂକ୍ରମଣର ଲହର ଯେହେତୁ କମି ନାହିଁ ପିଲାମାନଙ୍କୁ ମାସ୍କ ପିନ୍ଧିବା ସହିତ ସାମାଜିକ ଦୂରତା ଓ ସାନିଟାଇଜର ବ୍ୟବହାର ଶିଖାନ୍ତୁ। ଖରାଦିନ ହୋଇଥିବାରୁ ବିଶେଷକରି ପିଲାମାନଙ୍କୁ ପ୍ରଚୁର ପାଣି, ସୁଷମ ଖାଦ୍ୟ, ଫଳ ଦିଅନ୍ତୁ। ତଥାକଥିତ ଫାଷ୍ଟଫୁଡ୍ ଠାରୁ ଦୂରେଇ ରହିବା ବହୁତ ଭଲ କାରଣ ଏହି ପିଲାମାନଙ୍କ ସ୍ୱାସ୍ଥ୍ୟ ଆଗାମୀ ଭାରତର ଉଜ୍ଜ୍ୱଳ ଭବିଷ୍ୟତ ଓ ଆପଣଙ୍କ ମାନଙ୍କ ଅମୂଲ୍ୟ ବରଦାନ।

# ପିଲାଙ୍କ ଯକ୍ଷ୍ମାରୋଗ

ଟ୍ୟୁବରକ୍ଲୋସିସ୍ ବା ଯକ୍ଷ୍ମା ରୋଗରେ ପ୍ରତିବର୍ଷ ପ୍ରାୟ ୯ଲକ୍ଷ ନୂଆ ରୋଗୀ ଚିହ୍ନଟ ହେଉଛନ୍ତି ଯେଉଁମାନଙ୍କ ଭିତରୁ ପ୍ରାୟ ୧୫ଲକ୍ଷ ମୃତ୍ୟୁମୁଖରେ ପଡୁଛନ୍ତି। ପାଞ୍ଚବର୍ଷରୁ କମ୍ ବୟସର ପିଲାମାନଙ୍କ ଠାରେ ଶତକଡ଼ା ୨.୮ଭାଗ ଏହି ରୋଗ ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି। ସାଧାରଣତଃ ବଡ଼ଲୋକ ମାନଙ୍କ କାଶ ଦ୍ୱାରା ଜୀବାଣୁ ବାୟୁମଣ୍ଡଳକୁ ଆସିବା ଦ୍ୱାରା ପିଲାମାନେ ଏହାର ସହଜ ଶିକାର ହୋଇଥାନ୍ତି। ପିଲାମାନଙ୍କର ଜୀବାଣୁ ପ୍ରବେଶର ମାଧ୍ୟମ ହେଉଛି ଶ୍ୱାସପଥ। ସେହିପରି ଗର୍ଭାବସ୍ଥାରେ ଗର୍ଭଫୁଲ ମାଧ୍ୟମରେ ଏହାର ସଂସ୍ପର୍ଶ ଶିଶୁର ଶରୀରରେ ସଞ୍ଚରିତ ହେଲେ ପିଲାକୁ ଜନ୍ମଗତ ଯକ୍ଷ୍ମା ରୋଗ ହୋଇପାରେ ଯାହାକି ଅତି ବିରଳ। ଅନେକ ପିଲାଙ୍କର ଏହି ରୋଗର ଜୀବାଣୁ ଦ୍ୱାରା ସଂକ୍ରମଣ ଥିଲେ ମଧ୍ୟ ରୋଗ କିମ୍ବା ରୋଗର ଲକ୍ଷଣ ଦେଖାଯାଇନଥାଏ। ପିଲାଟିର ପ୍ରାଥମିକ ସଂକ୍ରମଣ ଫୁସଫୁସରେ ଦେଖାଦେଇଥାଏ। ତା'ପରେ ଲସିକାବାହିନୀର ପ୍ରବାହ ହୋଇ ଫୁସ୍‌ଫୁସ୍‌ର ସେହି ଅଂଶର ଲସିକା ଗ୍ରନ୍ଥିର ବୃଦ୍ଧି ହୋଇଥାଏ। ପିଲାଟି ୩-୪ ବର୍ଷ ବୟସ ହୋଇଥିଲେ ତାର ପ୍ରତିରୋଧକ ଶକ୍ତି କମ୍ ଥିବାରୁ ଏହି ରୋଗର ସମ୍ଭାବନା ଅଧିକ। ଦୀର୍ଘଦିନ ଧରି ଜ୍ୱର ହେବା, ପିଲାର ଓଜନ କମିଯିବା ହେଉଛି ଯକ୍ଷ୍ମାରୋଗ ପ୍ରଧାନ ଲକ୍ଷଣ। କେତେକ କ୍ଷେତ୍ରରେ ପିଲାମାନଙ୍କର ଟନ୍‌ସିଲ, ଚର୍ମ ଓ ଅନ୍ତଃନାଳୀରେ ମଧ ପ୍ରାଥମିକ ସଂକ୍ରମଣ ହୋଇପାରେ। ପିଲାମାନଙ୍କ ଠାରେ ଏଣ୍ଡୋବ୍ରୋଙ୍କିଏଲ ଯକ୍ଷ୍ମା ରୋଗ ଅଧିକ ମାତ୍ରାରେ ଦେଖାଯାଏ। ସେହିପରି ପିଲାମାନଙ୍କର ଫୁସ୍‌ଫୁସ, ମସ୍ତିଷ୍କ, ଯକୃତ, ଅସ୍ଥି, ଗର୍ଣ୍ଣି, ବୃକକ୍‌ରେ ମଧ ଯକ୍ଷ୍ମା ରୋଗର ସଂକ୍ରମଣ ଦେଖାଯାଏ। ତେବେ ଶତକଡ଼ା ୪୧ ଭାଗ କେବଳ ଛାତି ଭିତରେ ହିଁ ପିଲାମାନଙ୍କୁ ଯକ୍ଷ୍ମାର ଯନ୍ତ୍ରଣା ଦେଇଥାଏ। ଶିଶୁ ବା ପିଲାମାନଙ୍କର ପ୍ରାଥମିକ ଲକ୍ଷଣ ଦେଖା ଦେଇନଥିଲେ ବି ଲହରା କାଶ କିମ୍ବା ମିଳିମିଳା ରୋଗ ହେଲେ ଏହି ରୋଗର ଲକ୍ଷଣ ଜଣାପଡ଼ିଥାଏ। ଯେଉଁ ପିଲାମାନଙ୍କର ଫୁସ୍‌ଫୁସ୍ ସମ୍ବନ୍ଧୀୟ ଯକ୍ଷ୍ମାରୋଗ ଦେଖାଦେଇଥାଏ ସେମାନେ ପ୍ରାଥମିକ ସ୍ତରରୁ ଚିକିତ୍ସା କଲେ ପିଲାଟି ବଡ଼ ହେଲାବେଳକୁ ଏହା ଆରୋଗ୍ୟ ସାଧ ହୋଇଥାଏ। କେତେକ ପିଲାଙ୍କର କାଶ ଦେଖାଯାଇ ସେମାନଙ୍କର ପ୍ଲିହା ବୃଦ୍ଧି ହୋଇଥାଏ। ସାଧାରଣ ଡାକ୍ତରଙ୍କ ଷ୍ଟେଥସ୍‌ସ୍କୋପ ଦ୍ୱାରା ଫୁସ୍‌ଫୁସର କିଛି ଶବ୍ଦ ଶୁଣାଯାଇନଥିଲେ ବି ଏକ ପ୍ରକାର ଶବ୍ଦ ଚିକିତ୍ସକ ଜାଣିପାରନ୍ତି ଯାହାକି ଛାତି ଏକ୍ସରେ ଦ୍ୱାରା ଜଣାପଡ଼େ। ଏପରି ରୋଗରେ ପିଲାଟିର ଟ୍ୟୁବାରକୁଲିନ୍ ଟେଷ୍ଟ ଦରକାର ପଡ଼ିଥାଏ। କିଛି ପିଲାମାନଙ୍କ ପେଟରେ ଜଳ ଜମି ଯିବା ଯୋଗୁଁ ପେଟ ବ୍ୟଥା ହେବା ସହ ଶରୀରର ବୃଦ୍ଧି ହୁଏନାହିଁ ଓ ଦୀର୍ଘଦିନ ଧରି ତରଳ ଝାଡ଼ା ହୋଇଥାଏ। ଏହା ପିଲାମାନଙ୍କର ଆବ୍‌ଡୋମିନାଲ ଟ୍ୟୁବରକ୍ଲୋସିସ୍। ଫୁସ୍‌ଫୁସ୍‌ରୁ ରକ୍ତ ଦ୍ୱାରା ଜୀବାଣୁ ପ୍ରଭାବିତ ହୋଇ ପିଲାମାନଙ୍କର ଅସ୍ଥି ଓ ଗର୍ଣ୍ଣିରେ ଏହି ରୋଗ ଦେଖାଦେଇ ପିଲାଟିର ମେରୁଦଣ୍ଡ ଅସ୍ଥି, ହିପ୍ ଜଏଣ୍ଟ, ନି ଜଏଣ୍ଟ ଏବଂ ସ୍ଥଳବିଶେଷରେ ହାତ ଓ ଗୋଡ଼ ଆଙ୍ଗୁଠିରେ ମଧ ଦେଖାଯାଇଥାଏ। ଚଳିତ ବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବିଶ୍ୱ ଯକ୍ଷ୍ମା ଦିବସର ବାର୍ତ୍ତା ରଖିଛି – 'ଏକାଠି ହେବା ଟିବି ଦୂରେଇ ଦେବା'। ସାଧାରଣତଃ ମାଇକ୍ରୋ ବ୍ୟାକ୍ଟୋରିନ୍ ଟ୍ୟୁବରକ୍ଲୋସିସ୍ ନାମକ ବ୍ୟାକ୍ଟୋରିଆ ସଂକ୍ରମଣ ହୋଇ ଶରୀର ଭିତରକୁ ଗଲେ ଟିବି ରୋଗ ଦେଖାଯାଏ। ପିଲାମାନଙ୍କ ଠାରେ ଦୁଇ ପ୍ରକାର ଟ୍ୟୁବରକ୍ଲୋସିସ୍ ରୋଗ ଦେଖାଯାଏ। ଗୋଟିଏ ହେଉଛି ଫୁସ୍‌ଫୁସ୍ ଜନିତ ଅନ୍ୟଟି ହେଉଛି ଫୁସ୍‌ଫୁସ୍ ବାହାରେ ଯଥା ପିଲାମାନଙ୍କ ମେରୁଦଣ୍ଡ ହାଡ଼, ଆଖି, କାନ, ତଣ୍ଟି, ମସ୍ତିଷ, ପେଟ ପ୍ରମୁଖ। ପିଲା ମାନଙ୍କର ଟ୍ୟୁବରକ୍ଲୋସିସ୍‌ର ପ୍ରାଥମିକ ଲକ୍ଷଣ ହେଉଛି ପିଲାଟି ସଂଧ୍ୟା ବେଳେ ଜ୍ୱର ଅନୁଭବ କରେ ଯାହାକି ବହୁତ ଦିନ ଧରି ରହେ। ତାକୁ ଥଣ୍ଡା ଲାଗେ, ଭୋକ ସେପରି ହୁଏନା। ଓଜନ କମିଆସେ, କାଶ ହୁଏ ଆଉ କାଶରେ କଫ ପଡ଼େ। କେତେକ କ୍ଷେତ୍ରରେ କଫରେ ରକ୍ତର ଅଂଶ ରହେ। ପିଲାଟିକୁ ଦୁର୍ବଳ ଓ ହାଲିଆ ଲାଗେ। ପିଲାମାନଙ୍କୁ ଯକ୍ଷ୍ମାର ପ୍ରମୁଖ କାରଣ ହେଉଛି ଉଚ୍ଚ ପୌଷ୍ଟିକଯୁକ୍ତ ଖାଦ୍ୟ କମ୍ ଖାଇବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି କମ୍ ଥାଏ। ଯକ୍ଷ୍ମା ରୋଗୀ ସଂସ୍ପର୍ଶ ଠାରୁ ପିଲାଟିକୁ ଦୂରେଇ ନଆଣିବା। ବୟସ୍କ ଲୋକମାନଙ୍କ ଅପେକ୍ଷା ପିଲାମାନଙ୍କର ଯକ୍ଷ୍ମାର ଯନ୍ତ୍ରଣା କଷ୍ଟସାଧ। ପିଲାଟିର ଯକ୍ଷ୍ମା ଚିହ୍ନଟ ହେଲେ କଫ ପରୀକ୍ଷା ସହ ଛାତିର ଏକ୍ସରେ କରାନ୍ତୁ। ପରେ ଦରକାର ପଡ଼ିଲେ ରକ୍ତ ପରୀକ୍ଷା କରନ୍ତୁ। ରାଜ୍ୟ ସରକାର କେବଳ ରାଜ୍ୟର ବଡ଼ ମେଡ଼ିକାଲ ବା ଶିଶୁଭବନ ନୁହେଁ ସମସ୍ତ ଜିଲ୍ଲାସ୍ତରୀୟ ଡାକ୍ତରଖାନା ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶେଷକରି ଯକ୍ଷ୍ମା ରୋଗ ପାଇଁ ଯଥେଷ୍ଟ ପରିମାଣର ମାଗଣା ଔଷଧ ଓ ବିନା ମୂଲ୍ୟରେ ସମସ୍ତ ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା କରିଛନ୍ତି। କେବଳ ସେତିକି ନୁହେଁ ଶିଶୁରୋଗ ବିଶେଷଜ୍ଞ, ଶିଶୁପୁଲ୍‌ମୋନାରୀ ମେଡ଼ିସିନ୍ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଡିଓଟି ବା ଡାଇରେକ୍ଟଲି ଅବଜରଭଡ଼୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ କେମୋ ଥେରାପି ବା ଯାହାକୁ ସାଧାରଣରେ ଡଟ୍‌ସ ଚିକିତ୍ସା କୁହାଯାଏ। ପିଲାଟିକୁ ଏହାର ସୁଯୋଗ ଦିଅନ୍ତୁ। ଧୈର୍ଯ୍ୟଧରି ପିଲାଟିର ଚିକିତ୍ସା ବ୍ୟବସ୍ଥା କରାନ୍ତୁ। କୌଣସି କ୍ଷେତ୍ରରେ ଡଟସ୍‌ର ଛଅମାସ ଅବଧି ଭିତରେ ପିଲାଟିର ଚିକିତ୍ସା ହେଲା କରନ୍ତୁ ନାହିଁ। ଯକ୍ଷ୍ମା ଯେହେତୁ ଏକ ସଂକ୍ରାମକ ରୋଗ ତେଣୁ ପିଲାଟିର କାଶ ଓ ଛିଙ୍କ ବେଳେ ତାକୁ କପଡ଼ାର ବ୍ୟବହାର ଶିଖାନ୍ତୁ। ପିଲାର ବିଛଣା ଓ ଲୁଗାପଟା ସଫା ରଖନ୍ତୁ ଓ ଉତ୍ତମ ଓ ମୁକ୍ତ ପବନ ଚଳାଚଳ କରୁଥିବା ଘରେ ରହିବାକୁ ଦିଅନ୍ତୁ। ପିଲାଟିକୁ ମାନସିକ ଭାବେ ଧୈର୍ଯ୍ୟ ଦିଅନ୍ତୁ ଓ ଯଥେଷ୍ଟ ପରିମାଣର ସୁଷମ ଓ ପୌଷ୍ଟିକ ଖାଦ୍ୟ ପିଲାଟିକୁ ଦିଅନ୍ତୁ। କୌଣସି ପରିସ୍ଥିତିରେ ଗାଁ ଗଣ୍ଡାର କାହା କଥା ଶୁଣି ତୁଟୁକା ଚିକିତ୍ସା ଗ୍ରହଣ କରନ୍ତୁ ନାହିଁ ବା ଗୁଣି ଗାରେଡ଼ି ବିଶ୍ୱାସ ନିଅନ୍ତୁ ନାହିଁ। ପିଲାଟିର ମୂଲ୍ୟବାନ ଜୀବନ ଏମାନଙ୍କ ହାତରେ ଛାଡ଼ି ଦିଅନ୍ତୁ ନାହିଁ। ବିଶ୍ୱରେ ଅଧିକ ସଂଖ୍ୟଙ୍କ ପିଲା ଏହି ଟିବି ରୋଗର ସହଜ ଆକ୍ରାନ୍ତ ହେଉଥିଲେବି ଭାରତ ପରି ବିକାଶଶୀଳ ଦେଶରେ କେବଳ ବିଶ୍ୱରେ ଯେଉଁଠି ବର୍ଷକୁ ୯୦ଲକ୍ଷ ଟିବି ରୋଗୀ ରହିଛନ୍ତି ସେଥିରୁ ଭାରତରେ ୨୩ଲକ୍ଷ। ଆସନ୍ତୁ ଆଜି ବିଶ୍ୱ ଟ୍ୟୁବରକ୍ଲୋସିସ୍ ଦିବସ ଅବସରରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ବାର୍ତ୍ତା ସହ ଏକମତ ହୋଇ ଏହାକୁ ଦୂରେଇବା ପାଇଁ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିବା।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com
TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି । ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି । ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି । ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା । ସାବକରେ ଏହାର ଖାତା ନଂ- ୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା । ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁନର୍ବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ । ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି । ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଡିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି । ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁଃପାର୍ଶ୍ୱରେ କଣ୍ଡିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି । ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଡିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା । ଏହି ର୍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି । ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି । ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି ।

# ଆନନ୍ଦମ ଫାଉଣ୍ଡେସନ, ହେମଗିର ଶାଖା ଦ୍ୱାରା ବିଶ୍ୱଶାନ୍ତି ହୋମଯଜ୍ଞ ଆୟୋଜିତ

ଭୁବନେଶ୍ୱର,(ପି.ଏନ): ୧୮ ସେପ୍ଟେମ୍ବର ୨୦୨୪ ମସିହା ପବିତ୍ର ଭଦ୍ରା ପୂର୍ଣ୍ଣିମାର ଶୁଭ ଅବସରରେ ଆନନ୍ଦମ ଫାଉଣ୍ଡେସନ, ହେମଗିର ଶାଖା ଦ୍ୱାରା ବରପାଲି ଠାରେ ଏକ 'ବିଶ୍ୱଶାନ୍ତି ହୋମଯଜ୍ଞ' ଆୟୋଜିତ ହୋଇଥିଲା।ଏହା ସକାଳ ୧୦ ଘଟିକା ସମୟରେ ବୈଦିକ ମନ୍ତ୍ର ଏବଂ ଭଜନ ସହିତ ଆରମ୍ଭ ହୋଇଥିଲା । ଶ୍ରୀ ଅଶୋକ ଭୋଇ ଏବଂ ଶ୍ରୀ ଲିଙ୍ଗରାଜ ଭୋଇ (ଗାୟତ୍ରୀ ପରିବାର, ଲଖନପୁର, ଝାରସୁଗୁଡା) ପୁରୋହିତ ଭାବେ ଯଜ୍ଞ କାଯ୍ୟ ସମ୍ପାଦନ କରିଥିଲେ । ଶ୍ରୀ ସୁଶୀଲ କୁମାର ଚୌଧୁରୀ ଏବଂ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ରାସେଶ୍ୱରୀ ପଟେଲ ଯଜ୍ଞ କର୍ତ୍ତା (ଯଜମାନ)ର ଦାଇତ୍ୱ ବହନ ଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବରପାଲି ଅଞ୍ଚଳ ତଥା ହେମଗିର ବ୍ଲକର ଲୋକମାନେ ସମ୍ପୂର୍ଣ୍ଣ ହୃଦୟ ସହିତ ଅଂଶଗ୍ରହଣ କରିଥିଲେ । ପୂର୍ବାହ୍ନ ୩ ଘଟିକା ସମୟରେ ଏହା ପୂର୍ଣ୍ଣାହୁତି ଏବଂ ପ୍ରସାଦ



ସହିତ ସମାପ୍ତ ହୋଇଥିଲା । ଶ୍ରୀ ମନୋଜ ଦାସ (ସାଧାରଣ ସମ୍ପାଦକ, ଆନନ୍ଦମ ଫାଉଣ୍ଡେସନ) ଏବଂ ଶ୍ରୀ ଶିଶିର ଚୌଧୁରୀ ଆନନ୍ଦମ ଫାଉଣ୍ଡେସନର ଉଦ୍ଦେଶ୍ୟ ତଥା ଗତିବିଧି ବିଷୟରେ ଉପସ୍ଥିତ ଲୋକମାନଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ଶ୍ରୀ ବେଣୁଧର ନାୟକ, ସଂଯୋଜକ, ଶ୍ରୀ ଗୌରାଙ୍ଗ ପସାୟତ, ଆନନ୍ଦମ ଫାଉଣ୍ଡେସନ ହେମଗିର ଶାଖାର କାର୍ଯ୍ୟକର୍ତା, ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ । ଉକ୍ତ କାଯ୍ୟକ୍ରମରେ ସମୁଦାୟ ୬୮ ଜଣ ଯୋଗଦାନ କରିଥିଲେ ।

# ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ବିଶ୍ୱକର୍ମା ପୂଜାରେ ସମୂହ ସଫେଇ

ପାରାଦୀପ,(ପି.ଏନ): ପବିତ୍ର ବିଶ୍ୱକର୍ମା ପୂଜା ଅବସରରେ ନବଗଠିତ ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ମଙ୍ଗଳବାର ଦିନ ସମୂହ ସଫେଇ କାର୍ଯ୍ୟକ୍ରମ ଆନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ଉପଦେଷ୍ଟା ତଥା ବିଗତ ବିଧାନସଭା ନିର୍ବାଚନରେ କଂଗ୍ରେସ୍ ଦଳର ପ୍ରାର୍ଥୀ ନିରଂଜନ ନାୟକଙ୍କ ତ ୍ୱାବଧାନରେ ଟ୍ରଷ୍ଟର ସଦସ୍ୟମାନେ ବଡପଡିଆ ଠାରୁ ଆରମ୍ଭ କରି ପୂଜା ମଣ୍ଡପ ଅଂଚଳ ବୁଲି ସଫେଇ କରିଥିଲେ । ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନର ଭାରତ ସ୍ୱଚ୍ଛ ଭାରତ ଗଢି ତୋଳିବାର ଲକ୍ଷ୍ୟ ନେଇ ଏହି ଭଳି ସଫେଇ କାର୍ଯ୍ୟକ୍ରମ କରାଯାଉଥିବା ନେଇ ନଗର କଂଗ୍ରେସ ସଭାପତି କେଦାର ନାଥ ବିଶ୍ୱାଳ କହିଛନ୍ତି । ଏହି ସଫେଇ ପୂଜା ଶେଷ ହେବା ପର୍ଯ୍ୟ' ପ୍ରତ୍ୟେକ ଦିନ ସକାଳେ କରାଯିବା ନେଇ ଶ୍ରୀ ନାୟକ ଓ ଶ୍ରୀ ବିଶ୍ୱାଳ କହିଛନ୍ତି । ପାରାଦୀପର ବହୁ କଂଗ୍ରେସ୍ କର୍ମୀ ଏହି ସଫେଇ କାର୍ଯ୍ୟକ୍ରମରେ ସାମିଲ ହୋଇ ସଫେଇ କାର୍ଯ୍ୟ କରିଥିଲେ ଯାହାକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି ।

# ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା । ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି । ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି । ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା । ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି । ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ। କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି । ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି । ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି। କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି । ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି । ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି ।

# ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି। ଭାରତ ବର୍ଷ ମଧ ଏଥିରୁ ବାଦ୍ ପଡିନାହିଁ। ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି। ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି। ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି। ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍‌ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି।

# କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି। ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି। ତେବେ କେତେକ ମୁଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି। ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଳଦା,ଫୁଲଝର,କୁମୁଣ୍ଡି,ଶୁଆକାଟୀ,ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ। ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା। ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ। ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୂଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା। ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉେ ଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି। ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି। କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ। ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ,ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

# ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି । ବୃକ୍ଷରୋପଣ,ଦିବ୍ୟାଙ୍ଗ ଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା । ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଅାଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2024

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

